

ଟିପ୍ପଣୀ

# ଏକକ ୪ ସର୍ବଶିକ୍ଷା ଅଭିଯାନ ଓ ଶିକ୍ଷା ଅଧିକାର ଅଧିନିୟମରେ ଗୋଷ୍ଠୀ ସହଭାଗିତା ପାଇଁ ବ୍ୟବସ୍ଥା

ସଂରଚନା


୪.୦ - ଉପକ୍ରମ

୪.୧ - ଶିକ୍ଷଣ ଉଦ୍ଦେଶ୍ୟ

୪.୨ - ଶିକ୍ଷାରେ ଗୋଷ୍ଠୀର ଅଂଶଗ୍ରହଣ

୪.୩ - ସର୍ବଶିକ୍ଷା ଅଭିଯାନର ପ୍ରବର୍ତ୍ତନ (S.S.A)

୪.୪ - ଗୋଷ୍ଠୀ ଅଂଶଗ୍ରହଣ କିପରି ଶିକ୍ଷାର ଉନ୍ନତି କରିପାରିବ ?

୪.୫ - ଗ୍ରାମ୍ୟ ଶିକ୍ଷା କମିଟି ସମୂହ (V E C S)

୪.୬ - ବିଦ୍ୟାଳୟ ପରିଚାଳନା କମିଟି ସମୂହ (SMC) / ପିତାମାତା-ଶିକ୍ଷକ ସଂଘ ସମୂହ (PTA)

୪.୭- ରାଜ୍ୟମାନଙ୍କରେ ଗୋଷ୍ଠୀର ଅଂଶଗ୍ରହଣ ନିମିତ୍ତ ପଦକ୍ଷେପ

୪.୮ - ସାରାଂଶ

୪.୯ - ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୪.୧୦- ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

୪.୧୧- ପାଠାନ୍ତ ପ୍ରଶ୍ନାବଳୀ


## ୪.୦ ଉପକ୍ରମ

ସାର୍ବଜନୀନ ପ୍ରାଥମିକ ଶିକ୍ଷା ର ଯୋଜନା ପ୍ରସ୍ତୁତି, ତାକୁ କାର୍ଯ୍ୟକାରୀ କରିବା ଓ କାର୍ଯ୍ୟକ୍ରମ ଗୁଡିକର ତଦାରଖ ପାଇଁ ଗୋଷ୍ଠୀର ଅଂଶଗ୍ରହଣ ଏକ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁ ର ଅଧିକାର ଅଧିନିୟମ ୨୦୦୯ ପ୍ରମୁଖ ଭାଗିଦାରମାନଙ୍କ ଅର୍ଥପୂର୍ଣ୍ଣ ଅଂଶଗ୍ରହଣକୁ ନିଶ୍ଚିତ କରିବା ବ୍ୟବସ୍ଥା କରିଛି, ବିଶେଷତଃ ଶିକ୍ଷାରେ ସ୍ଥାନୀୟ ପଞ୍ଚାୟତିରାଜ ଅନୁଷ୍ଠାନ, ପିତାମାତା, ଛାତ୍ର ଓ ଗୋଷ୍ଠୀ ସମୂହ RTEକୁ କାର୍ଯ୍ୟକାରୀ କରିବା ନିମିତ୍ତ ସର୍ବଶିକ୍ଷା ଅଭିଯାନ, ଏକ ମହତ୍ତ୍ୱପୂର୍ଣ୍ଣ ସାଧନୀ ଯାହାକି ଗ୍ରାମ/ୱାର୍ଡ, ବ୍ଲକ୍, ଆଞ୍ଚଳିକ ଓ ବିଦ୍ୟାଳୟ ସ୍ତରରେ ଢାଞ୍ଚାମାନ ଗଠନ କରିବା ସହିତ ଶୈକ୍ଷିକ କାର୍ଯ୍ୟକ୍ରମରେ ନିୟୋଜିତ ହେବା ପାଇଁ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛି । ଶିକ୍ଷାରେ ପ୍ରବେଶ ଜନୀତ ସୁବିଧା ସୁଯୋଗ ସୃଷ୍ଟି କରି ସାମାଜିକ ଦୃଷ୍ଟିରୁ ଅଲଗା ରହିଥିବା ବ୍ୟକ୍ତି ତଥା ଗୋଷ୍ଠୀ ପାଇଁ ଶିକ୍ଷାରେ ଗୋଷ୍ଠୀ ସଂପୃକ୍ତି ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିପାରିବ । ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ଗୋଷ୍ଠୀ ମଧ୍ୟ ଅଭିଯାନ ଆୟୋଜନ କରିପାରିବ ।

ଟିପ୍ପଣୀ

ପୂର୍ବ ଭାଗରେ ତୁମେ ଗୋଷ୍ଠୀ ସମ୍ବନ୍ଧରେ ଜାଣିଛ । ଏହି ଭାଗଟି ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଗୋଷ୍ଠୀ ସଂପୃକ୍ତି ଉପରେ ଆଲୋକପାତ କରିବ। ଏହି ଭାଗଟି ତୁମକୁ ଶିକ୍ଷାରେ ଗୋଷ୍ଠୀ ସମ୍ପୃକ୍ତିର ମହତ୍ତ୍ୱ ଓ ବଞ୍ଚିତ ଶିକ୍ଷାର୍ଥୀଙ୍କ ପ୍ରବେଶ, ଅଂଶଗ୍ରହଣକୁ ଅଭିବୃଦ୍ଧିରେ ସ୍ଥାନୀୟ ସ୍ତରର ଅଂଶଗ୍ରହଣ କିପରି ଉପାଦେୟ ତାହା ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ । ସର୍ବଶିକ୍ଷା ଅଭିଯାନ ଓ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁର ଅଧିକାର ଅଧିନିୟମ ୨୦୦୯ର ବିଭିନ୍ନ ଧାରାକୁ କାର୍ଯ୍ୟକାରୀ କରିବାରେ ଗୋଷ୍ଠୀ ଅଂଶଗ୍ରହଣକୁ ଏହି ଅଧ୍ୟାୟ ବ୍ୟାଖ୍ୟା କରିବ ।

## ୪.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

ଏହି ଏକକ ଅଧ୍ୟୟନ ପରେ ତୁମେ-

* ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣର ଗୁରୁତ୍ୱ ବର୍ଣ୍ଣନା କରିପାରିବ ।
* ଶିକ୍ଷା ଅଧିକାର ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନୀୟ ଓ ତୃଣମୂଳ ସ୍ତରର ସଙ୍ଗଠନ ଯଥା ଗ୍ରମ୍ୟ ଶିକ୍ଷାକମିଟି (VEC), ପିତାମାତା ଶିକ୍ଷକ ସଂଘ (PTA) ବିଦ୍ୟାଳୟ ପରିଚାଳନା କମିଟି (SMC)ର ଭୂମିକା ଚିହ୍ନଟ କରିପାରିବ ।
* ଗୋଷ୍ଠୀ କିପରି ଶିକ୍ଷାର ଯୋଜନା ପ୍ରସ୍ତୁତି ଓ ପରିଚାଳନାରେ ସହାୟତା କରିପାରିବ - ତାର ବିଶ୍ଳେଷଣ କରିପାରିବ ।
* ସଫଳ ଅଭିଜ୍ଞତାର ବର୍ଣ୍ଣନା କରିବ ଯେଉଁଥିରୁ ଶିକ୍ଷକମାନେ ଶିଖିବେ ଓ ବିଦ୍ୟାଳୟ କାର୍ଯ୍ୟକ୍ରମର ପରିକଳ୍ପନା ତଥା କାର୍ଯ୍ୟକ୍ରମ ସଂପାଦନ ପ୍ରକ୍ରିୟାରେ ଗୋଷ୍ଠୀକୁ ଅଧିକ ଅର୍ଥପୂର୍ଣ୍ଣଭାବେ ସଂପୃକ୍ତ କରିପାରିବେ ।

## ୪.୨ ଶିକ୍ଷାରେ ଗୋଷ୍ଠୀର ଅଂଶଗ୍ରହଣ

ବିଦ୍ୟାଳୟ ଖୋଲିବା ପାଇଁ ଗୋଷ୍ଠୀ ଜମି ଦାନ କରୁଥିବା ତୁମେ ନିଶ୍ଚୟ ଶୁଣିଥିବ । କେତେକ ଗୋଷ୍ଠୀ ଚାଷରୁ ଉତ୍ପାଦିତ ଜିନିଷ ବିଦ୍ୟାଳୟକୁ ପଠାନ୍ତି । ଏପରିକି ବର୍ତ୍ତମାନ କେତେକ ଗୋଷ୍ଠୀ ଓ ବ୍ୟବସାୟୀ ବିଦ୍ୟାଳୟକୁ ବାସନକୁସନ, ଡେସ୍କ, କମ୍ପ୍ୟୁଟର ଡେସ୍କ ଇତ୍ୟାଦି ଦେଉଛନ୍ତି । ତୁମେ ଏହା ମଧ ଦେଖିଥିବ ଯେ କିଛି ପିତାମାତା ବିଶେଷକରି ମା' ମାନେ ବିଦ୍ୟାଳୟ ଯାଇ ଚିତ୍ରାଙ୍କନ ଓ ବିଭିନ୍ନ ହସ୍ତକର୍ମ ପରି ବୃତ୍ତିଗତ କୌଶଳ ଶିଖାନ୍ତି ।

ଆମେ କହିପାରିବା ଯେ ଶିକ୍ଷାରେ ଗୋଷ୍ଠୀର ଅଂଶଗ୍ରହଣ କହିଲେ ପିତାମାତା ଓ ଗୋଷ୍ଠୀର ବିଦ୍ୟାଳୟ ପାଇଁ ଯୋଜନା ପ୍ରସ୍ତୁତି ଓ ପରିଚାଳନାକୁ ବୁଝାଏ । ଏହା ଶିକ୍ଷାର ଗୁଣାତ୍ମକ ମାନ ବଢାଏ । ତୁମେ ଜାଣିଥିବ ଯେ ଶିକ୍ଷାରେ ଗୋଷ୍ଠୀର ଅଂଶଗ୍ରହଣ ଦୁଇ ପ୍ରକାରର ଯଥା- ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ରୂପରେ ହୋଇଥାଏ ।

**ଅଣ ଆନୁଷ୍ଠାନିକ :** ଏଠି ଆଞ୍ଚଳିକ ଗୋଷ୍ଠୀ ବିଭିନ୍ନ ଶୈକ୍ଷିକ ପ୍ରୟାସ ପାଇଁ ଦାନ କରନ୍ତି । ବିଦ୍ୟାଳୟରେ ଗୃହ ନିର୍ମାଣ ପାଇଁ ଖଣ୍ଡେ ଜମି, ଶ୍ରମଦାନ ଓ ଅଞ୍ଚଳରେ ମିଳୁଥିବା ସାମଗ୍ରୀ ଦାନ ଏହାର ଅନ୍ତର୍ଗତ । ୧୯୫୦ ଓ ୬୦ ଦଶକରେ ବିଶେଷତଃ ତାମିଲନାଡୁରେ ଶିକ୍ଷା ପାଇଁ ଗୋଷ୍ଠୀ ସହାୟତା ଉପଲବ୍ଧ କରାଇବା ପାଇଁ ଆଖିଦୃଶିଆ ଚେଷ୍ଟା ହୋଇଥିଲା । ଶିକ୍ଷାନୁଷ୍ଠାନ ପାଇଁ ପିତାମାତା ଓ ଆଞ୍ଚଳିକ ଗୋଷ୍ଠୀମାନେ ଟଙ୍କା ଓ ସାମଗ୍ରୀ ପର୍ଯ୍ୟନ୍ତ ଦାନ କରିଥିଲେ ।

**ଆନୁଷ୍ଠାନିକ :** ପଞ୍ଚାୟତ, ଗ୍ରାମ ଶିକ୍ଷାକମିଟି, ଓ୍ୱାର୍ଡ ଶିକ୍ଷା କମିଟି ଯାହା କରନ୍ତି ତାହା ହିଁ ଗୋଷ୍ଠୀ ଅଂଶଗ୍ରହଣର ଆନୁଷ୍ଠାନିକ ରୂପ ।

ସର୍ବଶିକ୍ଷା ଅଭିଯାନରେ ଗ୍ରାମଶିକ୍ଷା କମିଟି, ଓ୍ୱାର୍ଡ ଶିକ୍ଷା କମିଟି, ପିତାମାତା-ଶିକ୍ଷକ ସଂଘ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଇତ୍ୟାଦି ଭଳି ଭିନ୍ନ ଭିନ୍ନ ଢାଞ୍ଚାମାନ ଗଠିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି (SMC) କୁ ବିଦ୍ୟାଳୟ ତଦାରଖ ଓ ପରିଦର୍ଶନର ଦାୟିତ୍ୱ ନିର୍ଦ୍ଦିଷ୍ଟ ଭାବରେ ଦିଆଗଲା ।

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୧

ବି:ଦ୍ର: ତୁମ ଉତ୍ତର ଲେଖିବା ପାଇଁ ତଳେ ଜାଗା ଦିଆଯାଇଛି ।

୧. ଗୋଷ୍ଠୀ ଅଂଶଗ୍ରହଣର ଦୁଇଟି ପ୍ରକାର ଭେଦ ବର୍ଣ୍ଣନା କର ।

୨. ଭୂମିଦାନ ଗୋଷ୍ଠୀ ଅଂଶଗ୍ରହଣର ଆନୁଷ୍ଠାନିକ କିମ୍ବା ଅଣଆନୁଷ୍ଠାନିକ ପ୍ରକାର ଭେଦ ଅଟେ ।

୩. ବିଦ୍ୟାଳୟ ବିକାଶ ପରିଚାଳନା କମିଟି ଗୋଷ୍ଠୀ ଅଂଶଗ୍ରହଣର ଆନୁଷ୍ଠାନିକ କିମ୍ବା ଅଣଆନୁଷ୍ଠାନିକ ପ୍ରକାର ଭେଦ ଅଟେ ।

୪. ତୁମ ଅଞ୍ଚଳର ବିଦ୍ୟାଳୟକୁ ପରିଦର୍ଶନ କର ଏବଂ ଗୋଷ୍ଠୀ କିପରି ବିଦ୍ୟାଳୟକୁ ସହାୟତା କରୁଛି ତାହା ଲିପିବଦ୍ଧ କର ।

## ୪.୩ ସର୍ବଶିକ୍ଷା ଅଭିଯାନ (SSA) ର ପ୍ରବର୍ତ୍ତନ

ସର୍ବଶିକ୍ଷା ଅଭିଯାନରେ ଗୋଷ୍ଠୀ ଅଂଶଗ୍ରହଣ ବିଷୟରେ ତୁମେ ଜାଣିବା ପୂର୍ବରୁ ଆସ ସଂକ୍ଷେପରେ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା । ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇଁ ସର୍ବଶିକ୍ଷା ଅଭିଯାନ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ସର୍ବଶିକ୍ଷା ଅଭିଯାନ ୨୦୦୧ ରେ ପ୍ରବର୍ତ୍ତନ ହୋଇଥିଲା । ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁ ଅଧିକାର ଅଧିନିୟମ ୨୦୦୯ (ଯାହା ୨୦୧୦ରେ କାର୍ଯ୍ୟକାରୀ ହେଲା)କୁ କାର୍ଯ୍ୟକାରୀ କରିବା ପାଇଁ ସର୍ବଶିକ୍ଷା ଅଭିଯାନ ଏକ ସାଧନୀ ଅଟେ । ରାଜ୍ୟମାନଙ୍କ ସହ ଭାଗିଦାରୀରେ SSA କୁ କାର୍ଯ୍ୟକାରୀ କରାଯାଉଛି ଯାହା ସମଗ୍ର ଦେଶର ପ୍ରାୟ ୧୯୨ ଅୟୁତ ପିଲା ଓ ୧.୧ ଅୟୁତ ଜନବସତିର ଆବଶ୍ୟକତା କୁ ପୂରଣ କରୁଛି । ଏହି କାର୍ଯ୍ୟକ୍ରମ ସ୍କୁଲ ନଥିବା ଅଞ୍ଚଳରେ ସ୍କୁଲ ଖୋଲିବା ତଥା ଆଗରୁ ଥିବା ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଯେଉଁଠି ପର୍ଯ୍ୟାପ୍ତ ଶ୍ରେଣୀଗୃହ, ପିଇବା ପାଣି, ଶୌଚାଳୟ ଇତ୍ୟାଦି ନାହିଁ ତାହା ଦୃଢ଼ୀଭୂତ କରିବା କାର୍ଯ୍ୟ କରୁଛି ।

ଯେଉଁ ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନାହାନ୍ତି ସେଠି ଅତିରିକ୍ତ ଶିକ୍ଷକ ଦିଆଯାଇଥାଏ । ଶିକ୍ଷକମାନଙ୍କୁ ସେବାକାଳୀନ ପ୍ରଶିକ୍ଷଣ ଦେବା ସହ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପାଇଁ ଅନୁଦାନ ମଧ୍ୟ ଦିଆଯାଏ ।

ଟିପ୍ପଣୀ

ଜୀବନ କୌଶଳ ସମେତ ଗୁଣାତ୍ମକ ଶିକ୍ଷା ଦେବା ମଧ୍ୟ SSA ର ଉଦ୍ଦେଶ୍ୟ । ଝିଅପିଲାଙ୍କ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଶିକ୍ଷା ଉପରେ SSA ବିଶେଷ ଗୁରୁତ୍ୱ ଦେଉଛି । ବିଦ୍ୟାଳୟଭିତ୍ତିକ କାର୍ଯ୍ୟକ୍ରମରେ ଗୋଷ୍ଠୀ ଅଧିକାରକୁ ଏହି କାର୍ଯ୍ୟକ୍ରମ ପ୍ରାଧାନ୍ୟ ଦେଉଛି । ଏଥିରେ ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମ୍ୟ ଓ ସହରୀ ବସ୍ତିର ଶିକ୍ଷାକମିଟି, ପିତାମାତା ଶିକ୍ଷକ ସଂଘ, ମାତୃ-ଶିକ୍ଷକ ସଂଘ ଇତ୍ୟାଦିଙ୍କୁ ସ୍କୁଲ ପରିଚାଳନାରେ ସମ୍ପୃକ୍ତ କରିବା ବ୍ୟବସ୍ଥା ଅଛି ।

**ଘଟଣା ଅଧ୍ୟୟନ -୧- ସର୍ବଶିକ୍ଷା ଅଭିଯାନ ଓ ଗୋଷ୍ଠୀ**

ବିଭିନ୍ନ ରାଜ୍ୟ ଦ୍ୱାରା ସୂଚିତ ହୋଇଛି ଯେ ଗୋଷ୍ଠୀ ସମ୍ପୃକ୍ତି ଫଳରେ SSA କାର୍ଯ୍ୟକ୍ରମ ଗୁଡିକ ଫଳପ୍ରଦ ଭାବରେ ସମ୍ପାଦିତ ହେଉଛି । ପ୍ରତ୍ୟେକ ନିର୍ମାଣ କାର୍ଯ୍ୟରେ ଗୋଷ୍ଠୀର ଅଂଶଗ୍ରହଣ ଯୋଗୁ ଏକ ମାଲିକାନା / ନିଜର ଭାବ ନିଶ୍ଚିତ କରାଯାଇପାରୁଛି । ସମସ୍ତ ନିର୍ମାଣ କାର୍ଯ୍ୟ ଯେପରି ଶ୍ରେଣୀ କୋଠରୀ, ପାଚେରି ଓ ରୋଷେଇଶାଳର ନିର୍ମାଣ ଗ୍ରାମ୍ୟ ଶିକ୍ଷାକମିଟି/ସ୍କୁଲ ପରିଚାଳନା କମିଟିର ତତ୍ତ୍ୱାବଧାନରେ ହେବାରୁ ହିସାବନିକାଶରେ ସ୍ୱଚ୍ଛତା ରହିପାରୁଛି । ପ୍ରତ୍ୟେକ ରାଜ୍ୟ ଆଞ୍ଚଳିକ ସାମଗ୍ରୀ ବ୍ୟବହାର କରୁଥିବାରୁ ନିର୍ମାଣ ଖର୍ଚ୍ଚ ମଧ୍ୟ କମ୍ ହେଉଛି ।

### ୪.୩.୧ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାପାଇଁ ଶିଶୁର ଅଧିକାର ଅଧିନିୟମ ୨୦୦୯

ଭାରତର ଶିକ୍ଷାକ୍ଷେତ୍ରରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁର ଅଧିକାର ଅଧିନିୟମ ୨୦୦୯ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଅପ୍ରେଲ ୨୦୧୦ରୁ କାର୍ଯ୍ୟକରୀ ହେଲା ।

**SSA ୨୦୦୯ ଅଧିନିୟମର ବିଶିଷ୍ଟ ଲକ୍ଷଣ-**

- ୬ ରୁ ୧୪ ବର୍ଷର ଶିଶୁଙ୍କ ପାଇଁ ଶିକ୍ଷା ଏକ ମୌଳିକ ଅଧିକାର ଓ ପ୍ରାଥମିକ ବିଦ୍ୟାଳୟରେ ନ୍ୟୂନତମମାନ ରହିବା ଦରକାର ।
- ସରକାରୀ ସ୍କୁଲ ଗୁଡ଼ିକ ସମସ୍ତ ଶିଶୁଙ୍କୁ ମାଗଣା ଶିକ୍ଷା ଦେବେ । ସମସ୍ତ ଶିଶୁଙ୍କୁ ବିଦ୍ୟାଳୟ ଆସିବା ପାଇଁ ସମାନ ସୁଯୋଗ ଦେବା ଯେପରି ଖର୍ଚ୍ଚ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ବାଧକ ନହୁଏ ସେଥିପାଇଁ ମାଗଣା ଶିକ୍ଷା ପ୍ରଦାନ କରାଯିବ ।
- ଅଧିନିୟମ କାର୍ଯ୍ୟକାରୀ ହେବାର ତିନିବର୍ଷ ମଧ୍ୟରେ ରାଷ୍ଟ୍ର ନିକଟସ୍ଥ ଅଞ୍ଚଳରେ ସ୍କୁଲ ଯୋଗାଇବ । ସମସ୍ତ ବସତିର ଶିଶୁ ୧ କି.ମି. ଚାଲି କରିଯିବା ପରିଧିରେ ପ୍ରାଥମିକ ସ୍କୁଲ ପାଇବେ ଓ ୩ କି.ମି. ପରିଧିରେ ଉଚ୍ଚ ପ୍ରାଥମିକ ସ୍କୁଲ ପାଇବେ ।
- ଘରୋଇ ବିଦ୍ୟାଳୟ ଗୁଡ଼ିକ ଅନ୍ୟୂନ ୨୫% ଗରିବ ପରିବାରର ପିଲାଙ୍କୁ ନିଜ ସ୍କୁଲରେ ନେବେ ।
- ଏହି ଅଧିନିୟମରେ ଏହାମଧ୍ୟ ଅଛି ଯେ କୌଣସି ପିଲା ପ୍ରାଥମିକ ଶିକ୍ଷା ଅର୍ଥାତ୍ ଅଷ୍ଟମ ଶ୍ରେଣୀ ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ କୌଣସି ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ନୁହଁ କିମ୍ବା କୌଣସି ଶ୍ରେଣୀରେ ଫେଲ୍ ହୋଇ ଅଟକିବ ନାହିଁ ।
- ଏହି ଅଧିନିୟମରେ ଆହୁରି ମଧ୍ୟ ସୂଚୀତ ହୋଇଛି ଯେ ପ୍ରତ୍ୟେକ ପିଲା ନିଜ ବୟସାନୁଯାୟୀ ଶିକ୍ଷା ପାଇବ ଯାହାର ଅର୍ଥ ହେଲା ନିଜ ବୟସ ଅନୁଯାୟୀ ପିଲା ଯଥାଯଥ ଶ୍ରେଣୀରେ ନାମ ଲେଖାଇବ । ଉଦାହରଣ ସ୍ୱରୂପ ଜଣେ ୯ ବର୍ଷର ପିଲା ଯଦି ସ୍କୁଲ ଯାଇନାହିଁ ବା ଆଗରୁ ପାଠ ତ୍ୟାଗୀ ଅଟେ ତେଣୁ ସେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇବ । ୯ ବର୍ଷ ବୟସ୍କ ପିଲାକୁ ଚତୁର୍ଥ ଶ୍ରେଣୀ ପାଠ ସହ ଖାପଖୁଆଇବା ପାଇଁ ବିଶେଷ ତାଲିମ ବା ସଂଯୋଗୀ ପାଠ୍ୟକ୍ରମର ବ୍ୟବସ୍ଥା ହେବ । ଏହା ପିଲାକୁ ଚତୁର୍ଥ ସ୍ତର ପର୍ଯ୍ୟନ୍ତ ଆଣିବା ପାଇଁ ହେବ ।



ଟିପ୍ପଣୀ

- ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ଓ ଶ୍ରେଣୀ କୋଠରୀ ରହିବ । ପ୍ରାଥମିକ ସ୍ତରରେ ପ୍ରତ୍ୟେକ ୩୦ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିବେ ।
- ବିଦ୍ୟାଳୟରେ ପୁଅ ଓ ଝିଅ ପାଇଁ ଅଲଗା ଶୌଚାଳୟ ରହିବ ।
- ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ସ୍କୁଲ ପରିଚାଳିତ ହେବ ।
- RTE ରେ ଏକଥା ମଧ୍ୟ ସୂଚୀତ ଯେ କେବଳ ଶାରୀରିକ ପ୍ରବେଶ ନୁହଁ ଯେଉଁମାନେ ସାମାଜିକ ଦୃଷ୍ଟିରୁ ଅଲଗା ରହୁଛନ୍ତି ସେମାନେ  ସାମାଜିକ ଦୃଷ୍ଟିରୁ ମଧ୍ୟ ସ୍କୁଲରେ ପ୍ରବେଶ କରିବେ । ବିଶେଷ କରି ଜାତି, ସାମାଜିକ ଶ୍ରେଣୀ, ଲିଙ୍ଗ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ପାଇଁ ଏହା ପ୍ରଯୁଜ୍ୟ ।
- ବିଦ୍ୟାଳୟ ଅବସ୍ଥିତି, ସାମାଜିକ ସ୍ଥିତିକୁ ନେଇ ଏପରି ହେବ ଯେପରି ସାମାଜିକ - ଅର୍ଥନୈତିକ ଦୁର୍ବଳ ପିଲା ବିଦ୍ୟାଳୟରେ ନାମ ଲେଖାଇବେ । ଗୋଷ୍ଠୀ ତଥା ଅନ୍ୟ ସାମାଜିକ ଅନୁଷ୍ଠାନ ଏପରି ଶିକ୍ଷାର୍ଥୀଙ୍କ ଚିହ୍ନଟ  ଓ ବିଦ୍ୟାଳୟରେ ନାମ ଲେଖାରେ ସହାୟତା କରିବେ । ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଗୋଷ୍ଠୀର ସମ୍ପୃକ୍ତି ଏପରି ହେବା ଉଚିତ ଯେପରି ସେମାନେ ଅଗମ୍ୟ ଅଞ୍ଚଳ, ସାମାଜିକ ବଞ୍ଚିତ ଶ୍ରେଣୀ ତଥା ଗାଁଠାରୁ ଦୂରରେ ଥିବା ବସତି, ଅନାଥାଶ୍ରମରେ ଥିବା ପିଲାଙ୍କ ପାଖରେ ପହଞ୍ଚି ପାରୁଥିବେ ।

ତୁମେ ଏହା ଉପଲବ୍ଧି କରିବ ଯେ ଯେଉଁ ପିଲାମାନେ ଦେଶାନ୍ତର ଏବଂ ସ୍ଥାନାନ୍ତର ହେଉଛନ୍ତି ସେମାନଙ୍କୁ ଖୋଜି ଚିହ୍ନଟ କରିବା କଷ୍ଟସାଧ୍ୟ ଅଟେ । ପିଲାଙ୍କ ମଧ୍ୟରୁ ଏକ ବଡ଼ ଅଂଶ ରାସ୍ତା / ଦାଣ୍ଡରେ ଥା'ନ୍ତି ଯେଉଁମାନେ ପରିବାର ସହ ସଂପୃକ୍ତ ଥାଇ ବା ନଥାଇ ପାରନ୍ତି । ଏଭଳି ପିଲାଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ବୟସ ଅନୁସାରେ ଶ୍ରେଣୀରେ ନାମ ଲେଖାଇବା ଏକ ବଡ଼ ଓ ଜଟିଳ କାମ । ଗୋଷ୍ଠୀ ସଦସ୍ୟମାନେ ଏପରି ଗୃହ  - ଯେଉଁଠି ପିଲାନାମ ଲେଖାଇ ନାହାଁନ୍ତି ବା ପାଠତ୍ୟାଗୀ ହୋଇଛନ୍ତି ସେମାନଙ୍କ ସମ୍ବନ୍ଧରେ ଗ୍ରାମ୍ୟ ୱାର୍ଡ ଶିକ୍ଷା କମିଟିକୁ ସୂଚିତ କରିବା ଆବଶ୍ୟକ । କେତେକ ଗାଁରେ ଗୋଷ୍ଠୀ / ସମନ୍ୱୟ ସହାୟକ ଗୋଷ୍ଠୀ / ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଏ ଦାୟିତ୍ୱ ନେଇଛନ୍ତି ଓ ପିଲାଙ୍କୁ ସ୍କୁଲ୍ ପଠାଇଛନ୍ତି । ତୁମେ ସହମତ ହେବ ଯେ ଜନସାଧାରଣଙ୍କ ସମର୍ଥନ ଓ ଆପଣାପଣ ନହଲେ RTE ଓ SSA ପରି କାର୍ଯ୍ୟକ୍ରମ ସଫଳ ହେବନାହିଁ ।

**ନିଜ ଅଗ୍ରଗତି ଆକଳନ- ୨**

ମନ୍ତବ୍ୟ - ତୁମେ ଉତ୍ତର ଲେଖିବା ପାଇଁ ତଳେ ଖାଲି ସ୍ଥାନ ଦିଆଯାଇଛି ।

୧.-SSA କେବେ ଆରମ୍ଭ ହୋଇଥିଲା ?

------------------------------------------------------------------------

------------------------------------------------------------------------

----------------------------------------------------------------

୨.  SSA ର ଉଦ୍ଦେଶ୍ୟ କ'ଣ ?

------------------------------------------------------------------------

------------------------------------------------------------------------

----------------------------------------------------------------

୩. SSA ର ମୁଖ୍ୟ କାର୍ଯ୍ୟକ୍ରମ ଗୁଡ଼ିକ କ'ଣ ?

------------------------------------------------------------------------

------------------------------------------------------------------------

----------------------------------------------------------------

ଟିପ୍ପଣୀ

୪. RTE / SSA ରେ ଗୋଷ୍ଠୀ ଅଂଶଗ୍ରହଣ ବଢାଇବା ପାଇଁ କେଉଁ ସବୁ ଢ଼ାଞ୍ଚା ସୃଷ୍ଟି କରାଯାଇଛି ।

--------------------------------------------------------------------------------

--------------------------------------------------------------------------------

----------------------------------------------------------------------

୫. RTE ଅଧିନିୟମ ୨୦୦୯ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ?

--------------------------------------------------------------------------------

--------------------------------------------------------------------------------

----------------------------------------------------------------------

### ୪.୩.୨. RTE / ସର୍ବଶିକ୍ଷା ଅଭିଯାନ (SSA) ରେ ଗୋଷ୍ଠୀ ଅଂଶଗ୍ରହଣ

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାପାଇଁ ଶିଶୁ ଅଧିକାର ଅଧିନିୟମକୁ କାର୍ଯ୍ୟକାରୀ କରିବା ନିମିତ୍ତ SSA ଏକ ମାଧ୍ୟମ ଅଟେ । ୬ -୧୪ ବର୍ଷର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇବା ପ୍ରତ୍ୟେକ ରାଜ୍ୟ ପାଇଁ ବାଧ୍ୟତାମୂଳକ ବୋଲି RTE ୨୦୦୯ରେ ବ୍ୟବସ୍ଥା ଅଛି । ଶିକ୍ଷାର ଯୋଜନା ପ୍ରସ୍ତୁତି ଓ ପରିଚାଳନା ପାଇଁ ଗୋଷ୍ଠୀ ଓ ପିତାମାତା ସମ୍ପୃକ୍ତ ହେବା ପାଇଁ ଏଥିରେ ବ୍ୟବସ୍ଥା ଅଛି । RTE ୨୦୦୯କୁ କାର୍ଯ୍ୟକାରୀ କରିବାପାଇଁ ଗୋଷ୍ଠୀର ବିଭିନ୍ନ ଅନୁଷ୍ଠାନ ଯେପରି ପିତାମାତା - ଶିକ୍ଷକ ସଂଘ, ମାତୃ ଶିକ୍ଷକ ସଂଘ, ଗ୍ରାମ୍ୟ ଓ ସହରାଞ୍ଚଳ ବସ୍ତିର ଶିକ୍ଷାକମିଟି ଓ ପଞ୍ଚାୟତିରାଜର ସଦସ୍ୟ ବୃନ୍ଦକୁ ସମ୍ପୃକ୍ତ କରାଯିବ । ପ୍ରାୟ ସବୁରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ VEC / PTA / MTA / SDMC / SMC / VEDC ଇତ୍ୟାଦି ଅନୁଷ୍ଠାନ SSA ରେ ଗଠନ କରିଛନ୍ତି ।

### ୪.୩.୩.ଗୋଷ୍ଠୀ ଅଂଶଗ୍ରହଣର ଗୁରୁତ୍ୱ

ତୁମେ ନିଶ୍ଚିତ ଲକ୍ଷ୍ୟ କରିଥିବ ଯେ ଯେତେବେଳେ ଗୋଷ୍ଠୀ ଆଗ୍ରହ ପ୍ରକାଶ କରି ଶିକ୍ଷା ସହ ସମ୍ପୃକ୍ତ ହୁଏ ସେତେବେଳେ ଶିକ୍ଷା କେବଳ ପାଠବହି ଭିତରେ ସୀମିତ ରହେନାହିଁ । ପିଲା ସହଜରେ ଶିଖିବା ପାଇଁ ସକ୍ଷମ ହୁଏ କାରଣ କେବଳ ବହିରୁ ନଶିଖି ଶିକ୍ଷଣକୁ ଦୈନନ୍ଦିନ ଜୀବନର ଅଭିଜ୍ଞତା ସହ ଯୋଡି ଶିଖେ । ଗୋଷ୍ଠୀ ସମ୍ପୃକ୍ତି ଯୋଗୁଁ ଅଞ୍ଚଳର ଲୋକମାନେ ସହଜରେ ସମସ୍ୟାର ଚିହ୍ନଟ କରନ୍ତି । କେଉଁଠି ନୂଆ ସ୍କୁଲ ଖୋଲିବ - କେଉଁଠି ସ୍କୁଲର ମରାମତି ହେବ ଏହା ସ୍ଥିର କରିବା ପାଇଁ ଗ୍ରାମ୍ୟଶିକ୍ଷା କମିଟି (VEC) ସାହାଯ୍ୟ କରିବ । ଶିକ୍ଷକ ନିୟମିତ ସ୍କୁଲକୁ ଆସି ପାଠପଢାଉଛନ୍ତି କି ନାହିଁ ଏହା ମଧ୍ୟ ତଦାରଖ କରି ପାରିବ । ଶ୍ରେଣୀକୋଠରୀ ଯଥେଷ୍ଟ ଅଛିକି ନାହିଁ - ଶ୍ରେଣୀରେ ଅତିଅଧିକ ପିଲା ଅଛନ୍ତି କି ଏସବୁ ମଧ୍ୟ ସେମାନେ ଦେଖି ପାରିବେ । ପିଲାଙ୍କୁ ପାଠ୍ୟ ପୁସ୍ତକ ଠିକ୍ ସମୟରେ ଦିଆଗଲାକି ନାହିଁ - ନିୟମିତ ମଧ୍ୟାହ୍ନ ଭୋଜନ (MDM) ଦିଆଯାଉଛି କି ନାହିଁ ଏହା ମଧ୍ୟ ସେମାନେ ତଦାରଖ କରିବେ । ସେମାନେ ସ୍କୁଲ ପରିଦର୍ଶନ କରି ପିଲାଙ୍କ ସହ ଖାଇ ଖାଦ୍ୟ ଉପଯୁକ୍ତମାନର କି ନୁହଁ ଏହା ମଧ୍ୟ ଦେଖିପାରିବେ । ସେମାନେ ପିତାମାତାଙ୍କୁ ଭେଟି ନିଜର ପିଲାକୁ ସ୍କୁଲକୁ ପଠାଇବା ପାଇଁ ବୁଝାଇ ପାରିବେ । ସଂକ୍ଷେପରେ ଆମେ କହିପାରିବା ଯେ ପିଲାଙ୍କ ନାମ ଲେଖା ଓ ଗୁଣାତ୍ମକ ଶିକ୍ଷା ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଦରକାରୀ ।

RTE/SSA ରେ ସୂଚୀତ ହୋଇଥିବା ମୁତାବକ ଶିକ୍ଷାର ପ୍ରାସଙ୍ଗିକତା ଓ ଗୁଣାତ୍ମକମାନ ବୃଦ୍ଧି କରିବା, ପ୍ରବେଶର ହାର ବଢ଼ାଇବା, ଆଞ୍ଚଳିକ ସମସ୍ୟା ଚିହ୍ନଟ, ପ୍ରାସଙ୍ଗିକ ପାଠ୍ୟକ୍ରମ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, ସ୍କୁଲ ପାଇଁ ଆପଣାପଣର ପରି କାମ କରିବା, ଆଞ୍ଚଳିକ ଉତ୍ତରଦାୟିତ୍ୱ ଓ ସମ୍ବେଦନଶୀଳତା, ବଞ୍ଚିତ ଗୋଷ୍ଠୀ ପାଖରେ ପହଞ୍ଚିବା, ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ତଥା ଅନୁଷ୍ଠାନର କ୍ଷମତା ବଢ଼ାଇବା ପାଇଁ ଗୋଷ୍ଠୀ ସମ୍ପୃକ୍ତିକୁ ଏକ ଫଳପ୍ରଦ କୌଶଳ ରୂପରେ ଗ୍ରହଣ କରାଯାଇଛି ।

ଟିପ୍ପଣୀ

ତୁମେ ଜାଣିଥିବ ଯେ ବିଭିନ୍ନ ଗବେଷଣାରୁ ଜଣାପଡିଛି. ଗାଁର ଗରିବଶ୍ରେଣୀ, ବଞ୍ଚିତ ଗୋଷ୍ଠୀ, ସହରର ବସ୍ତି ଅଞ୍ଚଳର ପିଲାମାନେ ନାମ ଲେଖାଇନାହାଁନ୍ତି ବା ନାମଲେଖାଇ ଥିଲେ ମଧ୍ୟ ପାଠତ୍ୟାଗୀ ହୋଇଥାନ୍ତି । ଗବେଷଣା ଆହୁରି ଦର୍ଶାଇଛି ଯେ ଏହି ପିଲାମାନେ ବିଦ୍ୟାଳୟରେ ରହିଲେ ମଧ୍ୟ ବେଶୀ କିଛି ଶିଖିପାରନ୍ତି ନାହିଁ । ଧୀରେଧୀରେ ଏ ବିଶ୍ୱାସ ଦୃଢ଼ ହେଉଛି ଯେ ଶିକ୍ଷାର ବିକାଶ ପାଇଁ ଲୋକଙ୍କ ସମ୍ପୃକ୍ତି - ବିଶେଷ କରି ଗାଁର ଗରିବ ଶ୍ରେଣୀ, ଭୂମିହୀନ, ସହରାଞ୍ଚଳର ବସ୍ତି ଓ ଇତସ୍ତତ ରହୁଥିବା ଶ୍ରେଣୀର ଲୋକ, ଅନୁସୂଚୀତ ଜାତି ଓ ଜନଜାତି ପରି ବଞ୍ଚିତ ଶ୍ରେଣୀ ଓ ମହିଳା ମାନଙ୍କ ସମ୍ପୃକ୍ତି ଶିକ୍ଷାର ବିକାଶ ଓ ଉନ୍ନତି ପାଇଁ ଏକାନ୍ତ ଆବଶ୍ୟକ । ଯଦି ଏହି ଶ୍ରେଣୀର ଲୋକମାନେ ସମ୍ପୃକ୍ତ ହୁଅନ୍ତି ସେମାନେ ନିଜର ସମସ୍ୟା କହିବା ସହ ଉପଯୁକ୍ତ ସମାଧାନର ପନ୍ଥା ମଧ୍ୟ ଦର୍ଶାଇବେ । ଏହାପରେ ରାଜ୍ୟ ଉପଯୁକ୍ତ ପଦକ୍ଷେପ ନେଇପାରିବ ।

ସଂକ୍ଷେପରେ ଆମେ କହି ପାରିବା ଯେ ଶୈକ୍ଷିକ କାର୍ଯ୍ୟକ୍ରମ ସହ ଗୋଷ୍ଠୀ ସମ୍ପୃକ୍ତି ନିମ୍ନମତେ ଉପଯୋଗ ହେବ -

- ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆର୍ଥିକ, ମାନବ ଓ ସାମଗ୍ରୀ ସମ୍ବଳ ଯୋଗାଡ଼ କରିବାରେ ଏହା ସହାୟକ ହେବ ।
- ସମସ୍ତ ବର୍ଗର ଜନସାଧାରଣ, ବିଶେଷ କରି ଦୁର୍ବଳ ଶ୍ରେଣୀର ଲୋକଙ୍କ ଆବଶ୍ୟକତା, ସମସ୍ୟା, ଆଗ୍ରହ ଓ ଆଶା ଅନୁଯାୟୀ ଶିକ୍ଷା ବ୍ୟବସ୍ଥା କରିହେବ ।
- ଶିକ୍ଷାରେ ସଂସ୍କାର ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଜରୁରୀ ଅଟେ । ବିଭିନ୍ନ ପ୍ରଚେଷ୍ଟା ପାଇଁ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ।
- ଗୋଷ୍ଠୀ ଅଂଶଗ୍ରହଣ ଶିକ୍ଷକଙ୍କୁ ସଜାଗ ଓ ସମ୍ବେଦନଶୀଳ କରିବ ।

### ନିଜ ଅଗ୍ରଗତି ଆକଳନ- ୩

ମନ୍ତବ୍ୟ : ତୁମ ଉତ୍ତରଲେଖିବା ପାଇଁ ତଳେ ଖାଲିସ୍ଥାନ ଦିଆଯାଇଛି ।

ଶିକ୍ଷାରେ ଗୋଷ୍ଠୀ ଅଂଶଗ୍ରହଣର ଗୁରୁତ୍ୱ ଉଲ୍ଲେଖ କର

------------------------------------------------------------------------

------------------------------------------------------------------------

--------------------------------------------------------------

### ୪.୩..୪. ଶିକ୍ଷାରେ ଗୋଷ୍ଠୀର ଅବଦାନ

RTE ଓ SSA ଗୋଷ୍ଠୀ ସହାୟତାରେ କାର୍ଯ୍ୟକାରୀ ହେବ । ଏହା ବିଶ୍ୱାସ କରାଯାଏ ଯେ ଗୋଷ୍ଠୀ ବିଭିନ୍ନ ଦିଗରେ ଯଥା ଆର୍ଥିକ, ପରିଚାଳନାଗତ ଓ ପ୍ରାଶାସନିକ ସହାୟତା ମଧ୍ୟ କରିପାରିବ । ବିଦ୍ୟାଳୟରେ ଶୈକ୍ଷିକ ଓ ଶିକ୍ଷକଙ୍କ କାର୍ଯ୍ୟାବଳୀ ପାଇଁ ଗୋଷ୍ଠୀ ଏକ ସଜାଗ ପ୍ରହରୀ ରୂପେ କାର୍ଯ୍ୟ କରିପାରିବ ।

### ଏକ ସତର୍କ ପ୍ରହରୀ / ଚାପ ସୃଷ୍ଟିକାରୀ ଦଳ ଭାବେ ଗୋଷ୍ଠୀ

ବିଦ୍ୟାଳୟର ଶିକ୍ଷକ, ଅଧକ୍ଷ ଓ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟର ତଦାରଖ କରିପାରିବ । ନିମ୍ନ ଉଦାହରଣରୁ ତୁମେ ଲକ୍ଷ୍ୟ କରିବ ଯେ ଗୋଷ୍ଠୀ ଚାପ ପ୍ରୟୋଗ କରି କିପରି ପ୍ରଧାନଶିକ୍ଷକଙ୍କ ବଦଳି ବନ୍ଦ କରିଥିଲେ ।

**ଘଟଣା ଅଧ୍ୟୟନ – ୨ ଏକ ଚାପ ସୃଷ୍ଟିକାରୀ ଦଳ ଭାବେ ଗୋଷ୍ଠୀ**

ହରିୟାଣାର ଜିନ୍ଦ୍ ଜିଲ୍ଲାର ଧମତାନ୍ ସାହିବ ଗାଁରେ ଗୋଷ୍ଠୀ ଅଂଶଗ୍ରହଣର ପ୍ରଭାବ ସ୍ପଷ୍ଟ ରୂପେ ଜଣାପଡିଥିଲା ।

ଟିପ୍ପଣୀ

ଗୋଷ୍ଠୀ ସମ୍ବନ୍ଧ ପଛରେ ଥିବା ପ୍ରେରଣା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ  ଜ୍ୟୋତି ସିଓଖଣ୍ଡଙ୍କ ନିରଳସ ପ୍ରଚେଷ୍ଟା ଯୋଗୁଁ ହିଁ ସମ୍ଭବ ହୋଇଥିଲା ।ନାମଲେଖା ଅଭିଯାନ, ନିୟମିତ SMC ବୈଠକ ଆୟୋଜନ କରିବା ଜରିଆରେ ପ୍ରଧାନଶିକ୍ଷୟିତ୍ରୀ ଗୋଷ୍ଠୀକୁ ନେତୃତ୍ୱ ଦେଉଥିଲେ । ନିୟମିତ ସ୍କୁଲ ପରିଦର୍ଶନ କରି ଗୋଷ୍ଠୀ ମଧ୍ୟ ଶିକ୍ଷକମାନଙ୍କ ଅନୁପସ୍ଥିତିରେ ତଦାରଖ କରି ଏକ ସତର୍କ ପ୍ରହରୀର ଭୂମିକା ତୁଲାଉଥିଲା । ଫଳସ୍ୱରୂପ ସ୍କୁଲରେ ନାମଲେଖା ମଧ୍ୟ ଯଥେଷ୍ଟ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁରୋଧ କ୍ରମେ ଗୋଷ୍ଠୀ ଗଣିତ, ବିଜ୍ଞାନ ଓ ଇଂରାଜି ପାଇଁ ପାରା ଶିକ୍ଷକ ନିଯୁକ୍ତ କରିଥିଲା ଓ ଏହି ଶିକ୍ଷକମାନଙ୍କ ଦରମା ଗାଁର ପଞ୍ଚାୟତ ହିଁ ଦେଉଥିଲା । ଏହି ନୂଆ ଉଦ୍ଦୀପନା ଯୋଗୁଁ ସବୁ ପିତାମାତା ସରକାରୀ ସ୍କୁଲରେ ସେମାନଙ୍କ ପିଲାଙ୍କର ନାମ ଲେଖାଇଥିଲେ । ଫଳସ୍ୱରୂପ ଗାଁରେ ଥିବା ଘରୋଇ ସ୍କୁଲଟି ଭୀଷଣ ଭାବରେ ପ୍ରଭାବିତ ହେଲା । ନିଜ ରାଜନୈତିକ ସମ୍ବନ୍ଧ ବ୍ୟବହାର କରି ଘରୋଇ ସ୍କୁଲର ପରିଚାଳକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏକ ଦୂର ସ୍ଥାନକୁ ବଦଳି କରାଇ ଦେଲେ । ମାତ୍ର ଗୋଷ୍ଠୀର ନେତୃ ସ୍ଥାନୀୟ ଲୋକେ ସ୍ଥାନୀୟ ବିଧାୟକଙ୍କ ଉପରେ ଚାପ ପ୍ରୟୋଗ କରି ବଦଳିକୁ ବାତିଲ୍ କରିଦେଲେ । ବିଦ୍ୟାଳୟର ସମସ୍ୟା ସମାଧାନ କରିବାରେ ଗୋଷ୍ଠୀର ଭୂମିକା ଏଥିରୁ ଜଣା ପଡୁଛି । (କୁମାରୀ  କମଲେଶ Ph.D ଗବେଷିକାଙ୍କ କ୍ଷେତ୍ର ପର୍ଯ୍ୟବେକ୍ଷଣରୁ)

ଏକ ସମ୍ବଳ ଭାବେ ଗୋଷ୍ଠୀ - ତୁମେ ଲକ୍ଷ୍ୟ କରିଥିବ ଯେ ପିତା - ମାତା ନିଜ ପିଲାଙ୍କ ଶିକ୍ଷା ପାଇଁ ଯତ୍ନଶୀଳ ଥାଆନ୍ତି ଓ ପ୍ରାୟତଃ ଶିକ୍ଷାକୁ ସହାୟତା ଦେବା ପାଇଁ ଇଚ୍ଛୁକ ଥାଆନ୍ତି । ଯେଉଁଠି ଶିକ୍ଷକ ଅନୁପସ୍ଥିତି ଓ ସ୍କୁଲର ନୈରାଶ୍ୟଜନକ ପ୍ରଦର୍ଶନ ଥାଏ ପିତାମାତା ଓ ଗୋଷ୍ଠୀ ଶିକ୍ଷକଙ୍କ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିବା ବ୍ୟବସ୍ଥାର ଏକ ଅଂଶ ହୋଇପାରିବେ । ଗୋଷ୍ଠୀ ଶିକ୍ଷକଙ୍କ ଶ୍ରେଣୀରେ ଠିକ୍ ସମୟରେ ପହଞ୍ଚିବା ଓ ଫଳପ୍ରଦ ରୂପେ କାମ କରିବାକୁ ନିଶ୍ଚିତ କରିପାରିବ ।

ଏପରି କି ଦେଖାଯାଇଛି ଯେ ଆବଶ୍ୟକ ପଡ଼ିଲେ ପିତାମାତା ମଧ୍ୟ ଆସି ଶ୍ରେଣୀରେ ପଢ଼ାଇଥାନ୍ତି ବା ଏକ ସାଧନ କର୍ମୀ ରୂପେ କାମ କରନ୍ତି । ଶିକ୍ଷାଦାନରେ ସେମାନେ ଏକ ପ୍ରମୁଖ ଭୂମିକା ତୁଲାନ୍ତି । ପିତାମାତା ପିଲାଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଓ କୌଶଳ ଶିଖାଇଥା'ନ୍ତି ।

ଗୋଷ୍ଠୀ ସଦସ୍ୟମାନେ କିପରି ଯୋଗଦାନ କରି ପାରିବେ ତାହା ନିମ୍ନ ଉଦାହରଣରୁ ତୁମେ ବୁଝିପାରିବ ।

**ଘଟଣା ଅଧ୍ୟୟନ - ୩ ବାସ୍ତବ କୌଶଳ ପ୍ରଦାନ କରିବାରେ ଗୋଷ୍ଠୀର ଉପଯୋଗିତା**

କେତେକ ବିଦ୍ୟାଳୟରେ ସାଇକଲର ଗଠନ ଓ କାର୍ଯ୍ୟ କରିବାକୁ ବୁଝିବା ଏକ କ୍ରିୟାକଳାପ ରୂପେ ରଖାଯାଇଥିଲା । ଯଦିଓ ପ୍ରାୟ ସମସ୍ତ ଶିକ୍ଷକ ସାଇକଲ ବ୍ୟବହାର କରିଥିଲେ କେହି ହେଲେ ଏହା କିପରି କାମ କରେ ବୁଝାଇ ପାରିନଥିଲେ । ସାଇକଲ ସଜାଡିବା ମିସ୍ତ୍ରୀକୁ ଏକ ସାଧନକର୍ମୀ ରୂପେ ଡକାଗଲା । ସାଇକଲର ବିଭିନ୍ନ ଅଂଶ ଓ କାର୍ଯ୍ୟର ପ୍ରଦର୍ଶନ କଲେ  ଓ ଶିକ୍ଷକମାନଙ୍କ ଶିକ୍ଷକ ହୋଇଗଲେ । ଏହି କାମକୁ ଅନ୍ୟ କେତେ ଗୁଡିଏ ସ୍କୁଲରେ ଲାଗୁ କରାଗଲା । ବିଭିନ୍ନ ଶିକ୍ଷଣ ଅନୁଭୂତି ଯୋଗାଇବା ପାଇଁ ପିତାମାତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହୋଇପାରିବେ ଯାହା ଏଥିରୁ ଜଣାପଡ଼ିଲା ।

**୪.୩.୫. ପ୍ରାସଙ୍ଗିକ ପାଠ୍ୟକ୍ରମ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି**

ତୁମେ ଲକ୍ଷ୍ୟ କରିବ ଯେ ଯେତେବେଳେ ପିତାମାତା ଓ ଗୋଷ୍ଠୀ ପାଠ୍ୟକ୍ରମ ପ୍ରସ୍ତୁତ କରନ୍ତି, ସେହି ପାଠ୍ୟକ୍ରମ ସହଜ ଓ ଆଗ୍ରହ ଉଦ୍ଦୀପକ ହୋଇଥାଏ । ପାଠ୍ୟକ୍ରମ ସଂରଚନାରେ ପିତାମାତା ଓ ଗୋଷ୍ଠୀର ସମ୍ପୃକ୍ତି ପିଲାର ବାସ୍ତବ ଜୀବନ ଓ ସମାଜର ପ୍ରତିଫଳନରେ ସାହାଯ୍ୟ କରିଥାଏ । ଯେତେବେଳେ ପିଲାମାନେ ପାଠବହି ଓ ଅନ୍ୟ ସାମଗ୍ରୀ ବ୍ୟବହାର କରନ୍ତି ସେମାନେ ନିଜ ଶିକ୍ଷଣକୁ ଖୁବ୍ ସହଜରେ ଯାହା ଜାଣିଥାନ୍ତି ତାସହ ସମ୍ପର୍କିତ କରି ପାରନ୍ତି । ନିମ୍ନ ଉଦାହରଣରୁ ପରିଷ୍କାର ଜଣାପଡ଼େ ଯେ ପିତାମାତା ଓ ଗୋଷ୍ଠୀ ବାସ୍ତବ କୌଶଳ ଗୁଡ଼ିକର ପ୍ରସ୍ତୁତି ଓ ସମ୍ପାଦନ କରିଥା'ନ୍ତି ।

ଟିପ୍ପଣୀ

**ଘଟଣା ଅଧ୍ୟୟନ - ୪ ପିତାମାତାଙ୍କ ଦ୍ୱାରା କ୍ରିୟାକଳାପ ଆଧାରିତ ଶିକ୍ଷାଦାନ**

ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଭେଣ୍ଡା(ୱାରୋରା), ଘୋଡ଼ଖିଣ୍ଡି ( ୟେଓଟମଲ୍)ରେ ବାଳବିଜ୍ଞାନ ଉତ୍ସବର ଆୟୋଜନ ହୋଇଥିଲା ପିତାମାତା ଉତ୍ସବ ଆୟୋଜନରେ ସାହାଯ୍ୟ କରିଥିଲେ । ମା' ମାନେ ଅଧିକ ଉତ୍ସାହ ଦେଖାଇଥିଲେ । ସେମାନେ ଚିତ୍ରକଳା, ମାଟିକାମ, ସୂତାବୁଣା (ଏମ୍ବ୍ରୋଡ଼ରି)ର ପ୍ରଦର୍ଶନ କରିଥିଲେ ଓ ଏହି କୌଶଳ ଗୁଡ଼ିକ ପିଲାଙ୍କୁ ଶିଖାଇଥିଲେ । ମା' ମାନେ ଉତ୍ସାହିତ ଥିବାବେଳେ ଶିକ୍ଷକ ମାନେ ଗୋଷ୍ଠୀ ସମ୍ପୃକ୍ତିର ପ୍ରଭାବ ଉପଲବ୍ଧି କରିଥିଲେ । ଶିକ୍ଷକମାନେ ପିଲାଙ୍କ ପାଇଁ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପାଠ ପ୍ରସ୍ତୁତ କରିଥିଲେ । ଶସ୍ୟ ପ୍ରକାର ଓ ଚାଷ ବିଷୟରେ ଶିକ୍ଷକମାନେ ଅନୁଭବ କଲେ ଯେ ଏ ସମ୍ବନ୍ଧରେ ପାଠ ବହିରେ ଥିବା ସୂଚନା ମୋଟେ ଯଥେଷ୍ଟ ନୁହଁ । ଏକଥା ମଧ୍ୟ ଅନୁଭବ କରାଗଲା ଯେ ତାଙ୍କ ଅଞ୍ଚଳର ଚାଷ ପ୍ରଣାଳୀ ପାଠବହିରେ ଉଲ୍ଲେଖ ଥିବା ପ୍ରଣାଳୀଠୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ସେମାନେ ଚାଷୀ ପିତାମାତାଙ୍କ ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନେଲେ । କେତେକ ଶିକ୍ଷକ ଚାଷୀ ପିତାମାତାଙ୍କୁ ଶ୍ରେଣୀକୁ ନିମନ୍ତ୍ରଣ କଲେ ଓ ଆଉ କେତେଜଣ ଚାଷୀ ପିତାମାତାଙ୍କ ଫାର୍ମକୁ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା କଲେ । ଉଭୟ କ୍ଷେତ୍ରରେ ପିଲାମାନେ ଚାଷୀ ପିତାମାତାଙ୍କ ସାକ୍ଷାତକାର ନେଲେ ଓ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ସହ ଶିଖିଲେ । ଏହା ଜୀବନ ଅଭିଜ୍ଞତା ଆଧାରିତ ଥିଲା ଓ ପିଲାର ପରିବେଶ କୈନ୍ଦ୍ରିକ ହୋଇଥିବାରୁ ଶିକ୍ଷକମାନେ ଏହାର ଉପଯୋଗିତା ଅନୁଭବ କଲେ । ପିତାମାତାମାନେ ବିଦ୍ୟାଳୟ ଓ ପିଲାଙ୍କ ସହ ଭାବ ବିନିମୟର ସୁଯୋଗ ପାଇଲେ ।

**୪.୩.୬ ସମସ୍ୟାଗୁଡିକର ଚିହ୍ନଟ ଓ ସମାଧାନ**

ପିଲାଙ୍କ ନୈରାଶ୍ୟଜନକ ଶୈକ୍ଷିକ ପ୍ରଦର୍ଶନ, ନିମ୍ନ ନାମଲେଖା, ପାଠତ୍ୟାଗ ଇତ୍ୟାଦି ସମସ୍ୟା ଚିହ୍ନଟରେ ଗୋଷ୍ଠୀ ସାହାଯ୍ୟ କରିପାରିବ ଓ ସେସବୁର କାରଣ ମଧ୍ୟ କହିପାରିବ । ଅନେକ କ୍ଷେତ୍ରରେ ପିତାମାତା ଓ ଗୋଷ୍ଠୀ ବିଦ୍ୟାଳୟ ବାହାରେ ଥିବାପିଲାଙ୍କୁ ଚିହ୍ନଟ କରିବାରେ ସକ୍ରିୟ ଭୂମିକା ତୁଲାଇଥାନ୍ତି ଓ ସେମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରିବାରେ ସାହାଯ୍ୟ କରନ୍ତି ।

**ନିଜ ଅଗ୍ରଗତି ଆକଳନ- ୪**

ମନ୍ତବ୍ୟ - ତୁମ ଉତ୍ତର ଲେଖିବା ପାଇଁ ତଳେ ଖାଲି ସ୍ଥାନ ଦିଆଯାଇଛି

୧. ଗୋଷ୍ଠୀ କିପରି ବିଭିନ୍ନ ଉପାୟରେ ଶିକ୍ଷାପାଇଁ ଯୋଗଦାନ ଦେଇପାରିବ ଉଦାହରଣ ଦେଇ ବୁଝାଅ ।

------------------------------------------------------------------------
------------------------------------------------------------------------
------------------------------------------------------------------------
---------------------------------------------------------

୨. ପାଠ୍ୟକ୍ରମ ପ୍ରସ୍ତୁତିରେ ପିତାମାତା ଓ ଗୋଷ୍ଠୀ ସମ୍ପୃକ୍ତ ହେବା ଉଚିତ ବୋଲି ତୁମେ ଭାବକି ? କାହିଁକି ?

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------------------------------

**୪.୪. ଗୋଷ୍ଠୀ ଅଂଶଗ୍ରହଣ କିପରି ଭାବରେ ଶିକ୍ଷାର ଉନ୍ନତି କରିପାରିବ ?**

ନିମ୍ନ ଉଦାହରଣରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଗୋଷ୍ଠୀ ଅଂଶଗ୍ରହଣ ଏକ ପାର୍ଥକ୍ୟ ଆଣିଥାଏ ଓ ଶିକ୍ଷା ପରିଚାଳନାର ଉନ୍ନତି ମଧ୍ୟ କରିପାରିବ ।

ଟିପ୍ପଣୀ

### ଘଟଣା ଅଧ୍ୟୟନ ୫- ଗୋଷ୍ଠୀ ସଞ୍ଚାଳନ କରିବା ସମ୍ବଳ ସମୂହ

ଚିତ୍ରଦୁର୍ଗା ଜିଲ୍ଲା, ମୋଲକାଲାମୁରୁ ତାଲୁକ - କୋଣ୍ଡାଲାହାଲି ଏ.କେ କଲୋନିର ସ୍କୁଲ, ଗାଁର ଅଲଗା ରହିଥିବା ଗୋଷ୍ଠୀ ପିଲାଙ୍କ ଆବଶ୍ୟକତା ପୂରଣ କରେ । ରାଜ୍ୟର ଅନ୍ୟାନ୍ୟ ଅନେକ ସରକାରୀ ସ୍କୁଲ ପରି ଅତିକମ୍ ମୌଳିକ ସୁବିଧା ନଥିବା - ବହୁସଂଖ୍ୟକ ପିଲା, ଅତିଅଳ୍ପ ଶ୍ରେଣୀ କୋଠରୀ, ଖେଳପଡ଼ିଆର ଅଭାବ ଓ ଅତିଉଚ୍ଚହାରର ପାଠତ୍ୟାଗୀ ସ୍ଥିତିରେ ଥିଲା । ପଞ୍ଚାୟତ ସ୍ତରରେ ହୋଇଥିବା ତାଲିମ ନେବାପରେ ବିଦ୍ୟାଳୟ କମିଟି କାମରେ ଲାଗିଥିଲେ । ସେମାନେ ଜିଲ୍ଲା ପଞ୍ଚାୟତ (ପରିଷଦ)ର କର୍ମକର୍ତ୍ତାଙ୍କୁ ଭେଟି ସ୍କୁଲ ସମ୍ବନ୍ଧରେ ନିଜର ଧାରଣା ଜଣାଇଲେ । ଏହାପରେ ପରେ ଜିଲ୍ଲା ପଞ୍ଚାୟତ ୨୪,୦୦୦ର ଅନୁଦାନ ମଞ୍ଜୁର କଲେ ଓ ବିଦ୍ୟାଳୟର ମରାମତି ହୋଇଗଲା । ଏହାପରେ ସେମାନେ ତାଲୁକ ପଞ୍ଚାୟତରେ ଅଧିକ ଶ୍ରେଣୀ କୋଠରୀର ଆବଶ୍ୟକତା ଜଣାଇଲେ । ସର୍ବଶିକ୍ଷା ଅଭିଯାନ ତରଫରୁ ଏ କ୍ଷେତ୍ରରେ ମଧ ଗୋଟିଏ କୋଠରୀ ନିର୍ମିତ ହୋଇଗଲା । ସ୍କୁଲ କମିଟି ଗାଁର ଗୋଷ୍ଠୀକୁ ବୁଝାଇଲେ ଏବଂ ଗାଁ ପଞ୍ଚାୟତ ଦେଇଥିବା ୫୦୦୦ଟଙ୍କାରେ ଏକ ଜଳ କୁଣ୍ଡ ନିର୍ମାଣ କଲେ । ଏହାପରେ ଗୋଷ୍ଠୀରୁ ଅଧିକ ଅର୍ଥ ସଂଗ୍ରହ ହେଲା ଓ ବିଦ୍ୟାଳୟରେ ଶୌଚାଗାର ତିଆରି ହେଲା । ପାଠତ୍ୟାଗୀ ମାନଙ୍କ ସମ୍ବନ୍ଧରେ ନିଜ ଦାୟିତ୍ୱ ହୃଦୟଙ୍ଗମ କରି ସ୍କୁଲ କମିଟି ସଫଳତା ସହ ପାଠତ୍ୟାଗୀ ମାନଙ୍କୁ ସ୍କୁଲରେ ପୁନଃ ଦାଖଲ କଲା ।(ପ୍ରଜାତନ୍ତ୍ରର ଅନୁଭୂତି, କର୍ଣ୍ଣାଟକର ପ୍ରାଥମିକ ଶିକ୍ଷାପାଇଁ ନାଗରିକମାନଙ୍କ ପ୍ରଚେଷ୍ଟା ଯାହା ଦୟାରାମରେ ଉଲ୍ଲେଖ ଅଛି । ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷା ଅଧିକାର ଅଧିନିୟମ ୨୦୦୯) ।

ଉପରଲିଖିତ ଉଦାହରଣରୁ ତୁମେ ବୁଝିଥିବ ଯେ ଗୋଷ୍ଠୀ କିପରି ବିଭିନ୍ନ ବାଟରେ ଶିକ୍ଷା ପାଇଁ ସହାୟତା ଦେଉଛି । RTE ଅଧିନିୟମ ଓ SSA ରେ ସୂଚୀତ ହୋଇଥିବା ମୁତାବକ ଗୋଷ୍ଠୀର ଶିକ୍ଷାପାଇଁ ଅବଦାନ ନିମ୍ନ ତାଲିକାରୁ ଜଣାପଡୁଛି-

- ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ ।
- ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ଭର୍ତ୍ତିକରିବା ଓ ସେମାନଙ୍କୁ ଧରି ରଖିବା ପାଇଁ ବ୍ୟବସ୍ଥା କରିବା ।
- ନାମ ଲେଖା ଓ ଶିକ୍ଷା ସୁବିଧା ପାଇଁ ଅଭିଯାନ କରିବା ।
- ବିଦ୍ୟାଳୟ ପାଇଁ ଅର୍ଥ ସଂଗ୍ରହ କରିବା ।
- ବିଦ୍ୟାଳୟରେ ପିଲାଙ୍କ ନିୟମିତ ଉପସ୍ଥାନ ଓ ସେମାନେ ଶିକ୍ଷା ସମ୍ପୂର୍ଣ୍ଣ କରିବା ନିଶ୍ଚିତ କରିବା ।
- ନିର୍ମାଣ, ମରାମତି ଇତ୍ୟାଦି କରି ବିଦ୍ୟାଳୟର ସୁବିଧାକୁ ଉନ୍ନତ କରିବା ।
- ଶିକ୍ଷକ ନିଯୁକ୍ତି କରିବା ଓ ଶିକ୍ଷକ ମାନଙ୍କୁ ସହାୟତା ଦେବା ।
- ବିଦ୍ୟାଳୟ ଅବସ୍ଥିତି ଓ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେବା ।
- ଶିକ୍ଷକ ଉପସ୍ଥାନ ଓ ସେମାନଙ୍କ କାର୍ଯ୍ୟର ତଦାରଖ କରିବା ।
- ଗ୍ରାମ୍ୟ ଶିକ୍ଷା କମିଟି ଗଠନ କରି ବିଦ୍ୟାଳୟ ପରିଚାଳନାରେ ସାହାଯ୍ୟ କରିବା ।
- ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଗ୍ରଗତି ଓ ଶ୍ରେଣୀରେ ସେମାନଙ୍କ ପ୍ରଦର୍ଶନ ପାଇଁ ସ୍କୁଲ ବୈଠକରେ ନିୟମିତ ଓ ସକ୍ରିୟା ଯୋଗଦେବା ।
- କୌଶଳ ଶିକ୍ଷା ଓ ଆଞ୍ଚଳିକ ସଂସ୍କୃତି ଶିକ୍ଷା ପ୍ରଦାନ କରିବା ।
- ପିଲାଙ୍କୁ ଅଧ୍ୟୟନରେ ସାହାଯ୍ୟ କରିବା ।

- ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ ଓ ସମର୍ଥନ କରିବା ।
- ବିଦ୍ୟାଳୟର କାର୍ଯ୍ୟ ସାରଣୀ ସ୍ଥିର କରିବା ।
- ବିଦ୍ୟାଳୟର ସୁପରିଚାଳନା ପାଇଁ ଅଟକଳ ପ୍ରସ୍ତୁତି ହାତକୁ ନେବା ।
- ବିଦ୍ୟାଳୟ ସହବ୍ଲକ ଓ ଜିଲ୍ଲାକୁ ଯୋଡିବା ।

**ନିଜ ଅଗ୍ରଗତି ଆକଳନ- ୫**

ମନ୍ତବ୍ୟ ତୁମ ଉତ୍ତର ଲେଖିବା ପାଇଁ ତଳେ ଖାଲି ସ୍ଥାନ ଦିଆଯାଇଛି-

୧. RTE ମୁତାବକ ଶିକ୍ଷାର ଯେଉଁସବୁ କାର୍ଯ୍ୟକ୍ରମରେ ଗୋଷ୍ଠୀ ସଂପୃକ୍ତ ହୁଏ ତାହା ଉଦାହରଣ ଦେଇ ବୁଝାଅ ?

------------------------------------------------------------------------
------------------------------------------------------------------------
------------------------------

୨. ମହାରାଷ୍ଟ୍ରରେ ଶିକ୍ଷାପାଇଁ ଗୋଷ୍ଠୀ କେଉଁ ପ୍ରକାର ଅବଦାନ ଦେଇଛି ? ଭାରତର ଅନ୍ୟାନ୍ୟ ରାଜ୍ୟ ସମ୍ବନ୍ଧରେ ଏପରି ତଥ୍ୟ ସଂଗ୍ରହ କର ।

------------------------------------------------------------------------
------------------------------------------------------------------------
---------------------------------

**ଗୋଷ୍ଠୀ ସମ୍ପୃକ୍ତିର ମହତ୍ତ୍ୱପୂର୍ଣ୍ଣ ଦିଗ**




SSA/RTE ରେ ଗୋଷ୍ଠୀ ଅଂଶଗ୍ରହଣର ଆନୁଷ୍ଠାନିକ ଢ଼ାଞ୍ଚା

ତୁମେ ଜାଣ ଯେ ଭାରତ ଏକ ବିବିଧତା ପୂର୍ଣ୍ଣ ଦେଶ । ପ୍ରତ୍ୟେକ ରାଜ୍ୟ ଗ୍ରାମ୍ୟ ଶିକ୍ଷା କମିଟି ଓ ସ୍କୁଲ ପରିଚାଳନା କମିଟି ଗଠନ କରିଛନ୍ତି ମାତ୍ର ଭିନ୍ନଭିନ୍ନ ନାମ ଦେଇଥାନ୍ତି । ମାତ୍ର ଏହି ସବୁ କମିଟିର ଦାୟିତ୍ୱ ଓ କ୍ଷମତା ପ୍ରାୟ ସମାନ ।

ଟିପ୍ପଣୀ

ଏହି ସବୁ କମିଟିର ଗଠନ ଓ କାର୍ଯ୍ୟ ନିମ୍ନରେ ଆଲୋଚନା କରାଗଲା ।

## ୪.୫. ଗ୍ରାମ୍ୟ ଶିକ୍ଷା କମିଟି ସମୂହ (DVECs)

ଗ୍ରାମ୍ୟ ଶିକ୍ଷାକମିଟି ଉପରେ ପାଠତ୍ୟାଗୀ ଓ ଛାଡି ହୋଇଯାଇଥିବା ପିଲାଙ୍କୁ ଚିହ୍ନଟ କରିବା ଦାୟିତ୍ୱ ନ୍ୟସ୍ତ ହୋଇଛି । VEC ର ସର୍ବେକ୍ଷଣ ଆଧାରରେ ସ୍କୁଲ ରେଜିଷ୍ଟର ପ୍ରସ୍ତୁତ ହୁଏ । ସ୍କୁଲ ରେଜିଷ୍ଟରରୁ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସଂଖ୍ୟା ଜଣାପଡ଼େ ଓ ପରେ ସେମାନଙ୍କୁ ବିଦ୍ୟାଳୟ ଶିକ୍ଷା ଦେବାର ବ୍ୟବସ୍ଥା ହୁଏ ।

**ଗ୍ରାମସ୍କୁଲ କମିଟି ଏହିସବୁ ମୁଖ୍ୟ କାର୍ଯ୍ୟ ସମ୍ପାଦନ କରିବ–**

-ନାମଲେଖା ଅଭିଯାନ, ସାଧାରଣ ସଚେତନତା ଅଭିଯାନ, ପିଲାଙ୍କ ମେଳା, ମା - ଝିଅ ମେଳା ଓ କିଶୋରୀ ମେଳା ଆୟୋଜନ ଜରିଆରେ ପ୍ରାଥମିକ ଶିକ୍ଷାପାଇଁ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବା ।

- ନିର୍ମାଣ କାର୍ଯ୍ୟରେ VEC ର ପ୍ରମୁଖ ଭୂମିକା ଅଛି । ସାମଗ୍ରୀ କିଣିବାଠାରୁ ନିର୍ମାଣ କାର୍ଯ୍ୟର ତଦାରଖ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ମଧ୍ୟ VEC କରିବ ।

- ନିୟମିତ ତଦାରଖ ଦ୍ୱାରା ନାମ ଲେଖା ଉପସ୍ଥାନ, ଧାରଣ ଓ ଶିକ୍ଷଣ ଉପଲବ୍ଧିର ସ୍ତର ବୃଦ୍ଧି କରିବା ।

-ଷ୍ଟକ୍ ରେଜିଷ୍ଟର ଓ କ୍ୟାସ୍‌ବୁକ (Cash book) ପ୍ରସ୍ତୁତି ଓ ରକ୍ଷଣାବେକ୍ଷଣ କରିବା । ବିଦ୍ୟାଳୟର ଆବଶ୍ୟକତା ଓ ପ୍ରାଥମିକତା ଅନୁସାରେ ଅନୁଦାନ ରାଶିର ଆବଣ୍ଟନ କରିବା ।

- ଜାମ୍ମୁକାଶ୍ମୀର ପରି ରାଜ୍ୟରେ ପାରା ଶିକ୍ଷକ ନିଯୁକ୍ତି କରିବା । VEC ଶିକ୍ଷକମାନଙ୍କ କାର୍ଯ୍ୟର ତଦାରଖ କରିବା ଓ ନିଯୁକ୍ତକୁ ସ୍ଥାୟୀ କରିବା ନିମିତ୍ତ ସୁପାରିଶ କରିବା ।

- ପିଲାଙ୍କ ଉପସ୍ଥାନ ଓ ଶିକ୍ଷକଙ୍କ ଅନୁପସ୍ଥିତି ଯାଞ୍ଚ କରିବା ।

- ବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣ କରିବା ।

- ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଲକ୍ଷ୍ୟ ହାସଲ ପାଇଁ SSA ରେ ବସତି / ସ୍କୁଲର ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି କାର୍ଯ୍ୟକରିବା । ଏହାକୁ ଅଣୁଯୋଜନା (Microplan) କୁହାଯାଏ ।

- ବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ପାଇଁ ଗୋଷ୍ଠୀକୁ ପ୍ରେରିତ କରିବା ଯେପରି ସେମାନେ ଅର୍ଥ / ସାମଗ୍ରୀ / ଶ୍ରମଦାନ କରିବେ ।

**ଘଟଣା ଅଧ୍ୟୟନ ୬ – ଉତ୍ତରପ୍ରଦେଶରେ ଗ୍ରାମ୍ୟ ଶିକ୍ଷା କମିଟି**

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏକ ଗ୍ରାମ୍ୟଶିକ୍ଷା କମିଟି (VEC) ବାଧ୍ୟତାମୂଳକ ଅଟେ । ପଞ୍ଚାୟତର ସମସ୍ତ ପ୍ରାଥମିକ ଓ କନିଷ୍ଠ ସରକାରୀ ସ୍କୁଲ ପାଇଁ ଗୋଟିଏ VEC ଅଛି । VEC ରେ ପାଞ୍ଚ ଜଣ ସଦସ୍ୟ ଥା'ନ୍ତି । ଗ୍ରାମ ମୁଖିଆ (ପ୍ରଧାନ) ଏହାର ଅଧ୍ୟକ୍ଷ (ସେ ଗାଁ ସରକାରର ନିର୍ବାଚିତ ଅଧ୍ୟକ୍ଷ ଅଟନ୍ତି) । ଅନ୍ୟ ସଦସ୍ୟଙ୍କ ମଧ୍ୟରୁ ଜଣେ ହେଲେ ସେଇସବୁ ସ୍କୁଲର ବରିଷ୍ଠତମ ପ୍ରଧାନ ଶିକ୍ଷକ ଓ ତିନିଜଣ ପିତା-ମାତା । ଗାଁ ପ୍ରଧାନ ଓ ପ୍ରଧାନ ଶିକ୍ଷକ ଯୌଥ ଭାବରେ ବିଦ୍ୟାଳୟର ହିସାବ (ଏକାଉଣ୍ଟ)ର ରକ୍ଷଣାବେକ୍ଷଣ କରନ୍ତି । ବିଦ୍ୟାଳୟରର ଜମାଖାତାକୁ ବାର୍ଷିକ ଅନୁଦାନମିଳେ ଯାହା ମରାମତି, ରକ୍ଷଣାବେକ୍ଷଣ, ବିଦ୍ୟାଳୟ ବିକାଶ, ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ, ପିଲାଙ୍କ ପୋଷାକ ପାଇଁ ଅର୍ଥ, ନିର୍ମାଣ କାର୍ଯ୍ୟ- ସ୍କୁଲ ଗୃହ, କୋଠରୀ, ଶୌଚାଳୟ, ପାନୀୟ ଜଳ ଇତ୍ୟାଦି ଓ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ଦରମା ପାଇଁ ବ୍ୟୟହୁଏ । ଗ୍ରାମ ପଞ୍ଚାୟତର ଜମାଖାତା ଯାହା VEC ମୁଖ୍ୟଙ୍କ ଦ୍ୱାରା ଯାଞ୍ଚ ହୁଏ ଯେଉଁଥିକୁ ଗ୍ରାମପଞ୍ଚାୟତ ଛାତ୍ର ବୃତ୍ତି ଓ ମଧ୍ୟାହ୍ନ ଭୋଜନ ପାଇଁ ଅନୁଦାନ ଅର୍ଥ ଆସେ । VEC, ସ୍କୁଲ ଓ ଜମାଖାତାକୁ ଆସୁଥିବା ଅନୁଦାନ ଅର୍ଥର ପରିଚାଳନା ଓ ତଦାରଖକରେ । ଏହାସହ ଅର୍ଥ କିପରି ଖର୍ଚ୍ଚ ହେବ, ଅର୍ଥ ଖର୍ଚ୍ଚପାଇଁ ସମ୍ମତି ଦେବା

ଓ ନିର୍ମାଣ ଇତ୍ୟାଦି କାର୍ଯ୍ୟ ପାଇଁ ଅତିରିକ୍ତ ଅନୁଦାନ ପାଇଁ ଅନୁରୋଧ ଓ ସୁପାରିଶ କରେ, ଜମାଖାତାର ରକ୍ଷଣାବେକ୍ଷଣ କରେ, ଓ ଚୁକ୍ତି ଭିତ୍ତିକ ଶିକ୍ଷକ ଚୟନ କରିବା ଇତ୍ୟାଦି କରିଥାଏ । (ଯେଉଁମାନେ ଶିକ୍ଷା ମିତ୍ର ରୂପେ ପରିଚିତ ହୁଅନ୍ତି) । ଏଚୁକ୍ତି ୧୦ ମାସ ପାଇଁ ହୁଏ ଓ ଆଉବର୍ଷେ ପାଇଁ ଚୁକ୍ତିର ନବୀକରଣ ହେବ କି ନାହିଁ ନିର୍ଦ୍ଧାରଣ କରିଥାଏ । ଦୁଇ ତୃତୀୟାଂଶ ସଦସ୍ୟ ଏବଂ ବହୁମତରେ VEC ଏହିଚୁକ୍ତି ଯେକୌଣସି ସମୟରେ ବାତିଲ କରିପାରେ ।





ଟିପ୍ପଣୀ

ଉପର ଚିତ୍ରରେ କ'ଣ ହେଉଛି ? କେଉଁ ପ୍ରକାର ବୈଠକ ବସିଛି ତୁମେ କହି ପାରିବ କି ?

**ଚିତ୍ର ୧: ଗ୍ରାମ୍ୟ ଶିକ୍ଷାକମିଟିର ଗଠନ ଓ କାର୍ଯ୍ୟ ।**

**ଗ୍ରାମ୍ୟ ଶିକ୍ଷା କମିଟି ସମୂହ (VEC) ର ଭୂମିକା ।**

ସଭାପତି - ଗ୍ରାମ ପ୍ରଧାନ / ମୁଖିଆ
ସମ୍ପାଦକ - ପ୍ରଧାନ ଶିକ୍ଷକ
ସଦସ୍ୟ ୩ ପିତାମାତା ଯେଉଁମାନେ ସହାୟକ ମୌଳିକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ମନୋନୀତ ହୋଇଥା'ନ୍ତି ।

- ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକୁ ସହାୟତା
- ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି
- ଅନ୍ୟାନ୍ୟ ଅଞ୍ଚଳ ଭିତ୍ତିକ ବିଷୟ ଆଲୋଚନା
- ବିଦ୍ୟାଳୟ ପରିଦର୍ଶନ ଓ ତଦାରଖ
- ସ୍କୁଲନଥିବା ସ୍ଥାନରେ ବିକଳ୍ପ ବିଦ୍ୟାଳୟ (AS) ସ୍ଥାପନ
- ଗୁଣାତ୍ମକତାର ଉନ୍ନତି ପାଇଁ ସହାୟତା
- ସ୍କୁଲ ନଥିବା ପଡ଼ା ଗାଁରେ ବିଦ୍ୟା କେନ୍ଦ୍ର ଖୋଲିବା (EGS)
- ବିଦ୍ୟାଳୟ ଶୌଚାଳୟ ନିର୍ମାଣ
- ବିଦ୍ୟାଳୟର ବିକାଶ ଅନୁଦାନର ବିନିଯୋଗ
- ନିୟମିତ ଶିକ୍ଷକ ଉପସ୍ଥାପନକୁ ନିଶ୍ଚିତ କରିବା
- ପିଲାଙ୍କ ୧୦୦% ନାମଲେଖା ଓ ଧାରଣାକୁ ନିଶ୍ଚିତ କରିବା ।



ଟିପ୍ପଣୀ

### ଘଟଣା ଅଧ୍ୟୟନ ୭ – ଗ୍ରାମ୍ୟଶିକ୍ଷା କମିଟିର କାର୍ଯ୍ୟଧାରା ଉପରେ ପ୍ରତିଫଳନ

ହରିୟାଣା - ଜିନ୍ଦ୍ ଜିଲ୍ଲାର ନରଓ୍ୱାନାରେ ନୂଆକରି ଗଠିତ ହୋଇଥିବା SMC ଏହିପରି ଆନୁଷ୍ଠାନିକ ଢ଼ାଞ୍ଚାର କାର୍ଯ୍ୟକାରିତା ଉପରେ ଅନେକ ଗମ୍ଭୀର ପ୍ରଶ୍ନମାନ ଉତ୍ଥାପନ କରିଛି । ଶିକ୍ଷାବିଭାଗ ପଠାଇଥିବା ନିର୍ଦ୍ଦେଶାବଳୀ ଆଧାରରେ ସ୍କୁଲ କର୍ତ୍ତୃପକ୍ଷ SMC ଗଠନକୁ ସ୍ୱୀକୃତି ଦେଲେ । SMC ଗଠନ ପାଇଁ ହୋଇଥିବା ବୈଠକର କାଗଜପତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚହେଲା । ଯେଉଁ ସଦସ୍ୟମାନଙ୍କ ଦସ୍ତଖତ ବା ଟିପଚିହ୍ନ (ଯେଉଁମାନେ ନିରକ୍ଷର) ସ୍କୁଲ ନଥିପତ୍ରରେ ଥିଲା ସେମାନଙ୍କ ଏହି ବୈଠକରେ ଉପସ୍ଥିତ ରହିବାପାଇଁ ବାରଣ କରାଗଲା । ସେମାନେ କହିଲେ ଯେ ସ୍କୁଲ ଶିକ୍ଷକମାନେ ଘରଘର ବୁଲି ଏହି ଦସ୍ତଖତ ସଂଗ୍ରହ କରିଛନ୍ତି । କୌଣସି ପିତାମାତା (ଯେଉଁମାନଙ୍କ ସାକ୍ଷାତକାର ହେଲା) SMC ଗଠନର ଉଦ୍ଦେଶ୍ୟ ଜାଣିନଥିଲେ । ଲିଙ୍ଗଗତ ଦିଗଗୁଡ଼ିକୁ ଏପରିକି ସହରାଞ୍ଚଳରେ ମଧ ପରିଦୃଷ୍ଟ ହେଉଥିଲା । ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ପ୍ରତିନିଧି (ମ୍ୟୁନିସିପାଲ କମିଟିର ସଦସ୍ୟ) ଜଣେ ମହିଳା ଥିଲେ ଓ ତାଙ୍କର ସମସ୍ତକାର୍ଯ୍ୟ ତାଙ୍କ ସ୍ୱାମୀଙ୍କ ଦ୍ୱାରା ସମ୍ପାଦନ ହେଉଥିଲା । ସେ ମଧ SMC ଗଠନ ସମ୍ବନ୍ଧରେ କିଛି କହି ପାରୁନଥିଲେ - ଯଦିଓ ତାଙ୍କ ଦସ୍ତଖତ ସେଥିରେ ଥିଲା । ସେ ଖୁବ୍ ସହଜରେ ଉତ୍ତରଦେଲେ - ମୋର ସ୍ୱାମୀଙ୍କୁ ପଚାର ସେ କହିଦେବେ । ମୁଁ ତ କେବଳ ଦସ୍ତଖତ କରିପାରେ । ଏପରି ସ୍ଥଳେ ସେ କମିଟିରୁ କ'ଣ ଆଶା କରାଯିବ ? (କମଲେସ ନାରଓ୍ୱାନା ପିଏଚ୍. ଡି ଛାତ୍ର Centre for Historical studies, JNU ଙ୍କ ଦ୍ୱାରା ବର୍ଣ୍ଣିତ) ।

### ନିଜ ଅଗ୍ରଗତି ଆକଳନ – ୬

ମନ୍ତବ୍ୟ - ତୁମ ଉତ୍ତର ଲେଖିବା ପାଇଁ ତଳେ ଖାଲିସ୍ଥାନ ଦିଆଯାଇଛି-

୧. RTEକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମ୍ୟଶିକ୍ଷା କମିଟି (VEC) ର କାର୍ଯ୍ୟାବଳୀ ବର୍ଣ୍ଣନା କର-

------------------------------------------------------------------------

------------------------------------------------------------------------

------------------------------------------------------------------------

୨.ତୁମ ଗାଁ / ଓ୍ୱାର୍ଡରେ VEC / ଓ୍ୱାର୍ଡ ଶିକ୍ଷାକମିଟି ଗଠିତ ହୋଇଛି କି ନାହିଁ ଖୋଜି ଦେଖ ?

------------------------------------------------------------------------

------------------------------------------------------------------------

------------------------------------------------------------------------

ଶିକ୍ଷଣ କାର୍ଯ୍ୟ -୧

୧. ଗ୍ରାମ୍ୟ ଶିକ୍ଷା କମିଟିର ବୈଠକ ପରିଦର୍ଶନ କରି ପର୍ଯ୍ୟବେକ୍ଷଣ କର ?

୨.ତୁମ ଅଞ୍ଚଳରେ କେତେ ନିୟମିତ ବ୍ୟବଧାନରେ ବୈଠକ ହେଉଛି ?

୩.ରେଜିଷ୍ଟର ଦେଖ ଓ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉଛି କି ନାହିଁ ଲକ୍ଷ୍ୟ କର ।

## ୪.୬. ବିଦ୍ୟାଳୟ ପରିଚାଳନା କମିଟି (ଏସ.ଏମ୍.ସି) / ପିତାମାତା ଶିକ୍ଷକ ସଂଘ ସମୂହ

ଶିକ୍ଷାରେ ଗୋଷ୍ଠୀ ମାଲିକାନା ଓ ଅଂଶଗ୍ରହଣ ପାଇଁ କର୍ଣ୍ଣାଟକ, ମଧ୍ୟପ୍ରଦେଶ ପରିକେତେକ ରାଜ୍ୟ ସ୍କୁଲ ପରିଚାଳନା କମିଟିର ଗଠନ ପ୍ରତି ସରକାରୀ ସ୍କୁଲରେ ପ୍ରବର୍ତ୍ତନ କରିଛନ୍ତି ଯାହା ସ୍କୁଲ ବିକାଶ ଓ ତଦାରଖ କମିଟି SMDC/ ପିତାମାତା ଶିକ୍ଷକ ସଂଘ ନାମରେ ପରିଚିତ ।



ଟିପ୍ପଣୀ

**ବିଦ୍ୟାଳୟ ପରଚାଳନ କମିଟି ସମୂହର ଗଠନ :** RTE ଅନୁଯାୟୀ SMC ତିନି ଚତୁର୍ଥ ସଭ୍ୟ (୭୫%) ପିତାମାତା / ଅଭିଭାବକ ମଧ୍ୟରୁ ହେବେ । ଏମାନଙ୍କ ମଧ୍ୟରୁ ୫୦ % ମହିଳା ରହିବେ । ଗାଁର ଜନସଂଖ୍ୟା ସହ ଆନୁପାତିକ ଭାବରେ ଦୁର୍ବଳ ଶ୍ରେଣୀର ସଦସ୍ୟ SMC ରେ ପ୍ରତିନିଧିତ୍ୱ କରିବେ ।

ବଳକା ଏକ ଚତୁର୍ଥାଂଶ (୨୫%) ମଧ୍ୟରୁ ୧/୩ ଅଂଶ ଆଞ୍ଚଳିକ ଅଧିକାରୀ ୧/୩ ସ୍କୁଲ ଶିକ୍ଷକ ଓ ୧/୩ ଗବେଷକ ଛାତ୍ର ରହିବେ ।

RTE ରେ ସୂଚୀତ ହୋଇଥିବା ମୁତାବକ ଏସ୍.ଏମ୍.ସି. ର ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଓ କ୍ଷମତା ନିମ୍ନରେ ପ୍ରଦାନ କରାଗଲା

**୪.୬.୧. ଏସ.ଏମ୍.ସି/ ପି.ଟି.ଏ.ର ପ୍ରମୁଖ କାର୍ଯ୍ୟାବଳୀ-**

- ଆର୍ . ଟି. ଇ. ନିର୍ଦ୍ଦେଶାବଳୀ/ ମାନ ଅନୁଯାୟୀ ବିଦ୍ୟାଳୟ ବିକାଶ ଯୋଜନା (ଏସ୍.ଡି.ପି) ପ୍ରସ୍ତୁତି । (ସ୍କୁଲ ଡେଭଲପ୍‌ମେଣ୍ଟ ପ୍ଲାନ)
- SDP କାର୍ଯ୍ୟକାରିତାର ତଦାରଖ ଓ ସହାୟତା ।
- ଆର୍ଥିକ, ପରିଚାଳନାଗତ, ଶୈକ୍ଷିକ ପ୍ରଗତିର ତଦାରଖ / ସମୀକ୍ଷା ।
- ଶିକ୍ଷକଙ୍କ ନିୟମିତ ଉପସ୍ଥାନ ଓ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବା ।
- ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ପାଇଁ ନିୟନ୍ତ୍ରିତ ଓ ସାମୟିକ ଛୁଟି ମଞ୍ଜୁର କରିବା ।
- ଅନ୍ୟାବଶ୍ୟକ ଆସବାବପତ୍ର ଚୌକି ଟେବୁଲ ଇତ୍ୟାଦିର ନିଲାମ କରି ବିଦ୍ୟାଳୟ ଶିକ୍ଷା ଫଣ୍ଡକୁ ଅର୍ଥ ଦେବା ।
- ସ୍କୁଲ୍ ଜମିରୁ ଉତ୍ପନ୍ନ ଶସ୍ୟର ନିୟମିତ ନିଲାମ କରିବା ଓ ଲବ୍ଧଅର୍ଥ ବିଦ୍ୟାଳୟ ଶିକ୍ଷା ଫଣ୍ଡ (ପାଣ୍ଠି) କୁ ଦେବା ।
- ନାମଲେଖା ଓ ସଂଯୋଗୀ ପାଠ୍ୟକ୍ରମ ଇତ୍ୟାଦିର ଆୟୋଜନ କରି ବାହାରେ ଥିବା ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବ । ।
- ନିର୍ମାଣ କାର୍ଯ୍ୟର ତଦାରଖ କରିବା ।
- ପିତାମାତା ସମସ୍ତପିଲାଙ୍କ ନାମ ଲେଖାଇବା ଓ ସେମାନଙ୍କୁ ନିୟମିତ ସ୍କୁଲ ପଠାଇବାକୁ ନିଶ୍ଚିତ କରିବା ।
- ବିଭିନ୍ନ ବିଷୟରେ ଶିକ୍ଷାର୍ଥୀଙ୍କ ଉପଲବ୍ଧି ବୃଦ୍ଧିର ନିୟମିତ ସମୀକ୍ଷା କରିବା ।
- ବିଦ୍ୟାଳୟର ସମସ୍ତ ବିକାଶମୂଳକ, ଶୈକ୍ଷିକ, ପ୍ରଶାସନିକ ଓ ଆର୍ଥିକ କାର୍ଯ୍ୟାବଳୀର ତଦାରଖ ଓ ସମୀକ୍ଷା କରିବା ।
- ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପ୍ରୋତ୍ସାହନ ଶିକ୍ଷାର୍ଥୀ ପାଖରେ ପହଞ୍ଚିବାକୁ ନିଶ୍ଚିତ କରିବା ।
- ଉପଲବ୍ଧ ପାଣ୍ଠିର ଠିକ୍ ହିସାବ ରଖିବା ଓ ସାଧାରଣ ଲୋକଙ୍କ ସହ ଏ ବିଷୟରେ ଖୋଲା ଭାବ ବିନିମୟ କରିବା ।
- ଏକ ଶୈକ୍ଷିକ ତଥ୍ୟ ଆଧାର ସୃଷ୍ଟି କରିବା ଓ ରକ୍ଷଣା ବେକ୍ଷଣ କରିବା ।
- ନିମ୍ନରେ ଦିଆଯାଇଥିବା ଉଦାହରଣରୁ ସୂଚୀତ ଯେ ଏସ୍.ଏମ୍.ସି. ସଦସ୍ୟମାନେ କିପରି ବିଦ୍ୟୁତ ସଂଯୋଗ ମରାମତି ପାଇଁ କିପରି ଯୋଗାଯୋଗ କରିଛନ୍ତି-

ଘଟଣା ଅଧ୍ୟୟନ ୮ - ଏସ୍.ଏମ୍.ସି. ର ସଫଳ ଅଭିଯାନ, ନୂଆପଡ଼ା, ଓଡିଶା ବୋଡେନ ବ୍ଲକର କମଲମାଲ୍ ସ୍କୁଲର ଶିକ୍ଷାର୍ଥୀ ଓ ଶିକ୍ଷକମାନେ ଛୋଟଛୋଟ ଦୁର୍ଘଟଣାର ସାମ୍ନା କରୁଥିଲେ କାରଣ ସ୍କୁଲ ହତା ମଧ୍ୟରେ ଥିବା ଟ୍ରାନ୍ସଫରମରକୁ ୧୧୦୦ କେଭି ବିଦ୍ୟୁତ ତାର ସଂଯୋଗ ଥିଲା । ବିଦ୍ୟାଳୟ ବିକାଶ ଯୋଜନାର ତାଲିମ ଏସ୍.ଏମ୍.ସି. ସଦସ୍ୟମାନଙ୍କୁ ସାହାଯ୍ୟ କଲା । ସେମାନେ ନିଜର ଦାବିକୁ ଫଳପ୍ରଦ ରୂପେ ଜିଲ୍ଲା କଲେକ୍ଟର ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଗରେ ଉପସ୍ଥାପିତ କଲେ । ଏସ.ଏମ୍.ସି. ନିୟମିତ ନିଜଦାବି ପଛରେ ଲାଗିଲେ ଓ ଏକ ମାସ ମଧ୍ୟରେ ଦାବିପୂରଣକୁ ନିଶ୍ଚିତ

କଲେ । ଜିଲ୍ଲା ଅଧିକାରୀ ଜଣେ ଯନ୍ତ୍ରୀ ଏଥିପାଇଁ ନିୟୋଜିତ କଲେ ଓ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କା ଟ୍ରାନ୍ସଫରମର ହଟାଇବା ପାଇଁ ମଞ୍ଜୁର ହେଲା । ଦୟାରାମ

**ନିଜ ଅଗ୍ରଗତି ଆକଳନ - ୭**

ମନ୍ତବ୍ୟ - ତୁମ ଉତ୍ତର ଲେଖିବା ପାଇଁ ତଳେ ଖାଲିସ୍ଥାନ ଦିଆଯାଇଛି -

୧. ଏସ୍.ଏମ୍.ସି.ର କାର୍ଯ୍ୟାବଳୀ ବ୍ୟାଖ୍ୟା କର ?

------------------------------------------------------------------------

------------------------------------------------------------------------

------------------------------------------------------------

୨. ତୁମ ଆଖପାଖ ସ୍କୁଲରେ ପିତାମାତା - ଶିକ୍ଷକ ସଂଘ ଗଠିତ ହୋଇଛି କି ନାହିଁ ଖୋଜି ଦେଖ ?

------------------------------------------------------------------------

------------------------------------------------------------------------

------------------------------------------------------------

୩. ଏହି ଏସ୍.ଏମ.ସି./ ପିଟିଏମାନ ବୈଠକ ଆୟୋଜନ କରନ୍ତିକି ? ଯଦି ହଁ ବର୍ଷକୁ କେତେଥର କରନ୍ତି ?

ସ୍କୁଲ ରେଜିଷ୍ଟର ଦେଖ ଓ ଗତ ତିନିମାସରେ କେତୋଟି ବୈଠକ ହୋଇଛି ଲିପିବଦ୍ଧ କର ।

------------------------------------------------------------------------

------------------------------------------------------------------------

------------------------------------------------------------

## ୪.୭ ବିଭିନ୍ନ ରାଜ୍ୟରେ ଗୋଷ୍ଠୀ ଅଂଶଗ୍ରହଣ ନିମିତ୍ତ ପଦକ୍ଷେପ ସମୂହ

ସାର୍ବଜନୀନ ପ୍ରାଥମିକ ଶିକ୍ଷାପାଇଁ ରାଜ୍ୟମାନଙ୍କରେ ହୋଇଥିବା ଉଦ୍ୟମ ନିମ୍ନରେ ଦିଆଗଲା । କେଉଁ ସବୁ କାର୍ଯ୍ୟକ୍ରମରେ ଗୋଷ୍ଠୀ ସମ୍ପୃକ୍ତ ହୁଏ ତୁମେ ଏଥିରୁ ବୁଝି ପାରିବ ।

ଆନ୍ଧ୍ରପ୍ରଦେଶ ଝିଅମାନଙ୍କ ଆବଶ୍ୟକତା ପୂରଣ ପାଇଁ ବାଳମିତ୍ର କେନ୍ଦ୍ର ଆରମ୍ଭ କଲେ । ଶିକ୍ଷକମାନଙ୍କ ଦରମା, ଶିକ୍ଷକ ଚୟନ ଓ କେନ୍ଦ୍ରର ତଦାରଖ ପାଇଁ ପିତାମାତାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

**ଆସାମ -** ଆବଶ୍ୟକତା ଅନୁସାରେ ଶିକ୍ଷକ ଅଦଳ ବଦଳ କରିବା

- ଭିନ୍ନକ୍ଷମ ପିଲାଙ୍କୁ ସ୍କୁଲରେ ଭର୍ତ୍ତିକରିବା ପାଇଁ ପିତାମାତାଙ୍କୁ ପ୍ରେରିତ କରିବା ।

- ସ୍କୁଲର ବିକାଶ ପାଇଁ ପାଣ୍ଠି ସଂଗ୍ରହ କରିବା ।

**ବିହାର -** ନିୟମିତ ଉପସ୍ଥାନ ପାଇଁ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ ରାଶି ମଞ୍ଜୁର ଓ ତଦାରଖ ।

- ମିତବ୍ୟୟୀ ବୈଷୟିକ ଜ୍ଞାନ ସାହାଯ୍ୟରେ ନିର୍ମାଣ କାର୍ଯ୍ୟ ।

**ଦାଦାରା ଓ ନଗର ହାଭେଳି-** ପାନୀୟ ଜଳର ବ୍ୟବସ୍ଥା କରିବା ।

-ଶାଳା ପ୍ରବେଶ ଉତ୍ସବ (ନାମ ଲେଖା ଅଭିଯାନ) ।

ଟିପ୍ପଣୀ

**ଗୁଜରାଟ –** ସଖି ସହଯୋଗିନୀ ତଥା ଅଙ୍ଗନୱାଡି କମିଟି ଦ୍ୱାରା ଚାଲିଥିବା ଓ ପରିଚାଳିତ ହେଉଥିବା ପ୍ରାକ୍ ପ୍ରାଥମିକ କେନ୍ଦ୍ର । ଏହି ଗୋଷ୍ଠୀ କେନ୍ଦ୍ରର କାର୍ଯ୍ୟକୁ ତଦାରଖ କରିବା ସହ ଅଞ୍ଚଳରୁ ଅର୍ଥ ଓ ସାମଗ୍ରୀ ସମ୍ବଳ ସଂଗ୍ରହ କରନ୍ତି ।

- ଶୈକ୍ଷିକ ସାମଗ୍ରୀ ଯଥା ଆସନ ପଟ୍ଟା (ବସିବା ଚଟେଇ) ବହି, ଖାତା, କଲମ - ପେନ୍‌ସିଲ୍ ଓ ପିଲାଙ୍କ ପାଇଁ ଜଳଖିଆ ଇତ୍ୟାଦି ସଂଗ୍ରହ କରିବା ।

**ହରିୟାଣା–** ଶିକ୍ଷକ ଓ ଛାତ୍ରଙ୍କ ନିୟମିତ ଉପସ୍ଥାନ ଗୋଷ୍ଠୀ ଦ୍ୱାରା ତଦାରଖ ହୁଏ ।

- ଅଭାବୀ ପିଲାପାଖରେ ପ୍ରୋତ୍ସାହନ ପହଞ୍ଚିବାର ତଦାରଖ ।

**ହିମାଚଳ ପ୍ରଦେଶ–** ଗୋଷ୍ଠୀ ଦ୍ୱାରା ଉପଯୁକ୍ତ ମାନରେ ମଧ୍ୟାହ୍ନ ଭୋଜନ ନିୟମିତ ଯୋଗାଇବାର ତଦାରଖ ।

ଝାରଖଣ୍ଡ - ଗ୍ରାମ୍ୟ ଶିକ୍ଷା କମିଟି (ଭି.ଇ.ସି) ଦ୍ୱାରା ବିଦ୍ୟାଳୟ ପରିଚାଳନା, ଶିକ୍ଷକ ଉପସ୍ଥାନ, ଛାତ୍ର ଉପସ୍ଥାନ, ନିର୍ମାଣ କାର୍ଯ୍ୟ, ବାଳିକାମାନଙ୍କ ନାମଲେଖା, ସ୍କୁଲ ବାହାରେ ଥିବା ପିଲାଙ୍କ ସଂଖ୍ୟା, ଶିକ୍ଷକ ନିଯୁକ୍ତି ଇତ୍ୟାଦିର ଦେଖାଶୁଣା ହୁଏ ।

- ପିତାମାତା - ଶିକ୍ଷକ ସଂଘର ନିୟମିତ ବୈଠକ ହୋଇ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ଅଗ୍ରଗତି ଓ ସମସ୍ୟାର ତଦାରଖ ହୁଏ ।

- ଆମ ସଭାର ଆୟୋଜନ କରି (ତିନି ମାସରେ ଥରେ) ସାମାଜିକ ଯାଞ୍ଚ କରିବା ( ସୋସିଆଲ ଅଡିଟ୍)

- ବିଦ୍ୟାଳୟ କାର୍ଯ୍ୟ ସୁଚାରୁରୂପେ ଚାଲିବା ପାଇଁ ନିୟମିତ ଶିକ୍ଷକଙ୍କ ଅନୁପସ୍ଥିତି ବେଳେ ଅଞ୍ଚଳକୁ ବଦଳ ଶିକ୍ଷକ ନିଯୁକ୍ତି ଦେବା

-ପିଲାଙ୍କ ମନ୍ତ୍ରୀମଣ୍ଡଳ ଗଠନ କରି ସେମାନଙ୍କ ମଧ୍ୟରେ ଭାବବିନିମୟ ନିଶ୍ଚିତ କରିବା ଦରକାର ।

-ବିଦ୍ୟାଳୟରେ ନାମଲେଖା ପାଇଁ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁଙ୍କୁ ଚିହ୍ନଟ କରିବା ।

**କର୍ଣ୍ଣାଟକ –** ସ୍ୱେଚ୍ଛାସେବୀଙ୍କ ଗଠନ ଓ ତାଲିମ ବ୍ୟତୀତ ସଂଘମାନେ ମହିଳା ସାମ୍ଖ୍ୟରୁ ଆର୍ଥିକ ଅନୁଦାନ ନେଇ ବାଲୱାଡି ଚଳାଉଛନ୍ତି । ମହିଳା ସଦସ୍ୟଙ୍କୁ ନେଇ ଗଠିତ ଏହି ସଂଘଗୁଡିକ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ ନାମ ଲେଖାରେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି ।

ମଧ୍ୟପ୍ରଦେଶ - ଶିକ୍ଷାରେ ଗୁଣବତ୍ତା ଓ ସମାନତା ଆଣିବା ପାଇଁ ଜନଶିକ୍ଷା ଅଧିନିୟମ ୨୦୦୨ ଗୋଷ୍ଠୀଙ୍କୁ ପ୍ରମୁଖ ଦାୟିତ୍ୱ ଦେଇଛି ।

- ଗ୍ରାମ୍ୟ ଶିକ୍ଷା ରେଜିଷ୍ଟରର ରକ୍ଷଣାବେକ୍ଷଣ କରିବା ।

- ଅଣ ଆବାସିକ ସଂଯୋଗ ପାଠ୍ୟକ୍ରମ ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତି ଓ ସହରାଞ୍ଚଳରେ ମାନବ ବିକାଶ କେନ୍ଦ୍ର ଓ ଶିଶୁ ଶିକ୍ଷାକେନ୍ଦ୍ର ସ୍ଥାପନ କରିବା ।

**ମଣିପୁର –** EGS/ AIE କେନ୍ଦ୍ରରେ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତି କରିବା ।

**ମିଜୋରାମ–** ବସତି ଭିତ୍ତିକ ଯୋଜନା ପ୍ରଣୟନ ।

- ଗ୍ରାମ୍ୟ ଶିକ୍ଷା ରେଜିଷ୍ଟରର ରକ୍ଷଣାବେକ୍ଷଣ ।

**ଓଡ଼ିଶା–** ବିଦ୍ୟାଳୟରେ ନିୟମିତ ଉପସ୍ଥାନ ପାଇଁ ପିତାମାତାଙ୍କୁ ସମ୍ପୃକ୍ତି କରିବା ।

- ବାଳିକା ମାନଙ୍କ ନାମଲେଖା ପାଇଁ ଉଦ୍ୟମ କରିବା ।

- ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଲେଖାଇବା ।

ଟିପ୍ପଣୀ

- ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିଲେ ଅସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ।

**ରାଜସ୍ଥାନ-** ଗୋଷ୍ଠୀ ଦ୍ୱାରା ପିଲାଙ୍କ ଉପସ୍ଥାନର ନିୟମିତ ଯାଞ୍ଚ କରିବା ।

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଶିଶୁ ଚିହ୍ନଟ ରେଜିଷ୍ଟାରର ତଦାରଖ କରିବା ।

- ଜୟପୁର ଜିଲ୍ଲାର ଭୁଚେଡ଼ା ଗ୍ରାମ ପଞ୍ଚାୟତ ରୋଟିଏ ସ୍କୁଲରେ ଶୌଚାଳୟ ନିର୍ମାଣ ହୋଇନଥିଲା । ମାତ୍ର ବ୍ଲକ ଅଫିସ ରେକର୍ଡରେ ଦର୍ଶାଯାଇଥିଲା । ତଦାରଖ କମିଟି ଏହା ଦର୍ଶାଇଥିଲା ଓ ଆବଶ୍ୟକ ସଂଶୋଧନ କରାଗଲା ।

- ଭୂତେଡା ଉଚ୍ଚପ୍ରାଥମିକ ସ୍କୁଲରେ ଗୋଷ୍ଠୀର ଆପତ୍ତିଯୋଗୁଁ ୨ଜଣ ଶିକ୍ଷକଙ୍କୁ ଅନିୟମିତତା ପାଇଁ ବହିଷ୍କାର କରାଗଲା ।

**ପଶ୍ଚିମବଙ୍ଗ-** ନିଜ ଅଞ୍ଚଳରେ ପ୍ରାକ୍ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଇଁ ଶିକ୍ଷାଯୋଜନା ପ୍ରସ୍ତୁତି କରିବା ।

- ୬ ରୁ ୧୪ ବର୍ଷ ପିଲାଙ୍କ ପାଇଁ ତୃଣମୂଳ ସ୍ତରରେ ଏକ ତଥ୍ୟ ଆଧାର ପ୍ରସ୍ତୁତି ଓ ରକ୍ଷଣାବେକ୍ଷଣ କରିବା ।

- ହିସାବକିତାବର ରକ୍ଷଣାବେକ୍ଷଣ (ରସିଦ, କେସ୍‌ବୁକ୍, ରିପୋର୍ଟ ଇତ୍ୟାଦି)

**ନିଜ ଅଗ୍ରଗତି ଆକଳନ - ୮**

ମନ୍ତବ୍ୟ - ତୁମ ଉତ୍ତର ଲେଖିବା ପାଇଁ ତଳେ ଖାଲିସ୍ଥାନ ଦିଆଯାଇଛି -

୧. ଭାରତର ବିଭିନ୍ନ ରାଜ୍ୟରେ ଗୋଷ୍ଠୀ ଯେଉଁ ସବୁ କାର୍ଯ୍ୟକ୍ରମରେ ସମ୍ପୃକ୍ତ ତାର ତାଲିକା କର ?

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

୨. ତୁମ ଅଞ୍ଚଳରେ ପିଲାଙ୍କ ଶିକ୍ଷା ପାଇଁ ଗୋଷ୍ଠୀ ସମ୍ପୃକ୍ତି କିପରି ହୋଇଛି ଖୋଜି ବାହାର କର ?

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

୩. କେଉଁସବୁ କ୍ଷେତ୍ରରେ ଗୋଷ୍ଠୀ ଅଂଶଗ୍ରହଣର ଆବଶ୍ୟକତା ରହିଛି ଦର୍ଶାଅ ?

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

## ୪.୮. ସାରାଂଶ

ଶିକ୍ଷା ସମେତ ଅନ୍ୟ ଯେକୌଣସି କ୍ଷେତ୍ରର ବିକାଶ ପାଇଁ ଗୋଷ୍ଠୀ ଅଂଶଗ୍ରହଣ କିପରି ମହତ୍ତ୍ୱପୂର୍ଣ୍ଣ ଏହି ବ୍ଲକରେ ତୁମେ ଜାଣିଲ । ଗୋଷ୍ଠୀ ମାଲିକାନା ସେ ଅଞ୍ଚଳର ସମସ୍ୟା ଗୁଡ଼ିକ ଚିହ୍ନଟ କରିବାରେ ସାହାଯ୍ୟକରେ । ଯୋଜନା ପ୍ରସ୍ତୁତିରେ ସକ୍ରିୟ ଭାବରେ ଭାଗନେଇ ଗୋଷ୍ଠୀ ଯଥାଯଥ କୌଶଳର ପରାମର୍ଶ ଦିଏ ଓ ସମ୍ଭାବ୍ୟ ସମାଧାନ ସ୍ଥିର କରେ । ଏହି ବିଷୟ ପଢିବାପରେ ତୁମେ ବିଶେଷ ଭାବରେ ସର୍ବଶିକ୍ଷା ଅଭିଯାନ ପ୍ରବର୍ତ୍ତିତ ହେବାପରେ କିପରି ଗୋଷ୍ଠୀ ଅଂଶଗ୍ରହଣ ଭାରତରେ ବଢ଼ିଛି ତୁମେ ଲକ୍ଷ୍ୟ କରିଥିବ । ସର୍ବଶିକ୍ଷା ଅଭିଯାନ (ଏସ୍.ଏସ୍.ଏ) ବିଦ୍ୟାଳୟ ସ୍ତରରେ ଅନେକ ଢ଼ାଞ୍ଚା

ଟିପ୍ପଣୀ

ଯେପରି ବିଦ୍ୟାଳୟ ପରିଚାଳନା କମିଟି (ଏସ.ଏମ୍.ସି), ପିତାମାତା ଶିକ୍ଷକ ସଂଘ ଇତ୍ୟାଦି ଗଢ଼ିଛି ଯାହାଦ୍ୱାରା ସ୍କୁଲ୍‌ର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିଥାଏ । ଗ୍ରାମ ଓ ପୌରାଞ୍ଚଳ ସ୍ତରରେ ମଧ୍ୟ ବିଭିନ୍ନ ଢ଼ାଞ୍ଚା ଯଥା ଗ୍ରାମଶିକ୍ଷା କମିଟି (ଭି.ଇ.ସି) / ଓ୍ୱାର୍ଡ ସ୍ତରର କମିଟି ବିଦ୍ୟାଳୟର ଯୋଜନା ପ୍ରସ୍ତୁତି ଓ ପରିଚାଳନାରେ ନିୟୋଜିତ ଥାଆନ୍ତି । ଏହି କମିଟି ଗୁଡିକ ପିତାମାତା ଓ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କ ସହ ସମ୍ପର୍କରେ ଥାଆନ୍ତି । ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ଗୋଷ୍ଠୀର ଅଧିକରୁ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଏ । ବିଦ୍ୟାଳୟର ଯୋଜନା ପ୍ରସ୍ତୁତି ପରିଚାଳନା, ତଦାରଖ ଓ ବିଦ୍ୟାଳୟ କାର୍ଯ୍ୟ ପାଇଁ ଗୋଷ୍ଠୀର ସକ୍ରିୟ ଭୂମିକା ରହିଛି ବୋଲି ଏହି ଅଧିନିୟମ ସ୍ପଷ୍ଟରୂପେ ସୂଚୀତ କରେ । ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଶିକ୍ଷକ ଓ ପ୍ରଶାସକମାନେ ଗୋଷ୍ଠୀ ସହିତ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ।

## ୪.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ – ୧**

୧.ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ

୨.ଅଣଆନୁଷ୍ଠାନିକ

୩.ଆନୁଷ୍ଠାନିକ

୪.ଶିକ୍ଷଣକାର୍ଯ୍ୟ ।

**ନିଜ ଅଗ୍ରଗତି ଆକଳନ – ୨**

୧. ୨୦୦୧

୨. ଶିକ୍ଷାରେ ଗୁଣାତ୍ମକତା, ଅଂଶଗ୍ରହଣ ଓ ପ୍ରବେଶ ଜରିଆରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ହିଁ ଏସ୍.ଏସ୍.ଏ ର ଲକ୍ଷ ।

୩. ଏହିକାର୍ଯ୍ୟକ୍ରମ ନୂଆ ସ୍କୁଲ ଖୋଲିବା , ଆଗରୁ ଥିବା ସ୍କୁଲକୁ ଉନ୍ନୀତ କରିବା, ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ, ଅତିରିକ୍ତ ଶିକ୍ଷକ ନିଯୁକ୍ତି କରିବା ଓ ମଧ୍ୟାହ୍ନଭୋଜନ, ପାଠବହି ଇତ୍ୟାଦି ପ୍ରୋତ୍ସାହନ ଦେଇ ପିଲାଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରେ । ଗୁଣାତ୍ମକମାନ ପାଇଁ ଏହା ସେବାକାଳୀନ ଶିକ୍ଷକ ତାଲିମର ବ୍ୟବସ୍ଥାମଧ୍ୟ କରେ ।

୪. ବିଦ୍ୟାଳୟ ସ୍ତରରେ ସ୍କୁଲ ପରିଚାଳନା କମିଟି (ଏସ୍.ଏମ୍.ସି) / ପିତାମାତା ଶିକ୍ଷକ ସଂଘର ପ୍ରସ୍ତାବ ଦିଆଯାଇଛି । ଗାଁ ଓ ପୌରାଞ୍ଚଳ ସ୍ତରରେ ଗ୍ରାମ୍ୟଶିକ୍ଷା କମିଟି (ଭି.ଇ.ସି)/ ଓ୍ୱାର୍ଡ ସ୍ତରଶିକ୍ଷା କମିଟିର ପ୍ରସ୍ତାବ ଦିଆଯାଇଛି ।

୫. RTE - ୧.୩.୧ କୁ ଦେଖ ।

**ନିଜ ଅଗ୍ରଗତି ଆକଳନ – ୩**

୧. ଗୋଷ୍ଠୀ ଅଂଶଗ୍ରହଣର ମହତ୍ତ୍ୱ - ୧.୩.୩ କୁ ଦେଖ

**ନିଜ ଅଗ୍ରଗତି ଆକଳନ – ୪**

ଗୋଷ୍ଠୀ ଏକ ଚାପ ସୃଷ୍ଟିକାରୀ ଗୋଷ୍ଠୀ ରୂପେ କାମ କରିପାରିବ, ନାମ ଲେଖାନହେବାର କାରଣ, କମ୍ ପାଠ ତ୍ୟାଗୀ ଇତ୍ୟାଦିର କାରଣ ଚିହ୍ନଟ କରିବ । ପ୍ରାସଙ୍ଗିକ ପାଠ୍ୟକ୍ରମ ପ୍ରସ୍ତୁତି, ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, ଆର୍ଥିକ ଓ ମାନବ ସମ୍ବଳ ଯୁଟାଇବାରେ ଏହା ସାହାଯ୍ୟକରିପାରିବ । ୧.୩.୪.ଦେଖ



ଟିପ୍ପଣୀ

୨.ଗୋଷ୍ଠୀର କାର୍ଯ୍ୟାବଳୀ । ୧.୪ କୁ ଦେଖ ।

**ନିଜ ଅଗ୍ରଗତି ଆକଳନ - ୫**

୧.

୨.

**ନିଜ ଅଗ୍ରଗତି ଆକଳନ - ୬**

୧.ଗ୍ରାମ ଶିକ୍ଷା କମିଟିର କାର୍ଯ୍ୟାବଳୀ - ୧.୫. କୁ ଦେଖ

**ନିଜ ଅଗ୍ରଗତି ଆକଳନ - ୭**

୧. ଏସ୍.ଏମ୍.ସି. ର କାର୍ଯ୍ୟାବଳୀ - ୧.୬.୧. କୁ ଦେଖ

**ନିଜ ଅଗ୍ରଗତି ଆକଳନ - ୮**

୧.ଗୋଷ୍ଠୀର କାର୍ଯ୍ୟକ୍ରମ - ମେଳାର ଆୟୋଜନ / ସଚେତନତା ସୃଷ୍ଟିପାଇଁ ଅଭିଯାନର ଆୟୋଜନ/ ନାମ ଲେଖା ଅଭିଯାନର ଆୟୋଜନ / ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କ ଚିହ୍ନଟକରଣ । ପିତାମାତାଙ୍କୁ ପିଲାକୁ ସ୍କୁଲ ପାଠାଇବା ପାଇଁ ବୁଝାଇବା । ଶୌଚାଳୟ / ପାନୀୟ ଜଳ ନିର୍ମାଣ କାର୍ଯ୍ୟର ତଦାରଖ / ବିଦ୍ୟାଳୟ ଯାଉଥିବା ପିଲାଙ୍କ ସୂଚନା ପାଇଁ ବସତିର ଯୋଜନା ପ୍ରସ୍ତୁତି/ ଉପଲବ୍ଧ ବିଦ୍ୟାଳୟ ସଂଖ୍ୟା / ଅଧିକ କେତେସ୍କୁଲ ଓ ଶିକ୍ଷକ ଦରକାର ସୂଚନା ଦେବା । ଶିକ୍ଷକ ଓ ଶିକ୍ଷକଙ୍କ ଉପସ୍ଥାନର ତଦାରଖ କରିବା ପାଠବହି, ପୋଷାକ ବଣ୍ଟନ ଓ ମଧ୍ୟାହ୍ନଭୋଜନ ପରି ପ୍ରୋତ୍ସାହନର ତଦାରଖ କରିବା । ପାଣ୍ଠିର ରକ୍ଷଣାବେକ୍ଷଣ । ସେତୁ ପାଠ୍ୟକ୍ରମ ପାଇଁ ସ୍ୱେଚ୍ଛାସେବୀ ନିଯୁକ୍ତ କରିବା ଇତ୍ୟାଦି ।

## ୪.୯ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

Bjork, Christopher ed. (2006) Educational Decentralisation: Asian Experiences and Conceptual Contributions, Springer, Netherland.

Darak G. Kishor, (2008) Community Participation as Resource in Elementary Education, Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

Dayaram (2011) School Management Committee and the Right to education Act 2009- Resource material for SMC Training, American India Foundation

Gaysu R.Arvind (2008) Locating Community in School Education: Emerging Perspectives and Practices to Empowered Participatory Governance, Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

Government of India(undated) Sarva Shiksha Abhiyan- Framework for Implementation. Ministry of HRD, Department of Elementary Education and Literacy, New Delhi.

Govinda. R & Diwan Rashmi (2003) Community Participation and Empowerment in Primary Education, Sage Publications, New Delhi.

Grant A. Carl (1979) Community Participation in Education, Allyn and Bacon, USA

Jayaram, N, (2008) School-Community Relations in India: Some Theoretical

ଟିପ୍ପଣୀ

and Methodological Considerations, Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

Kantha V. Vinay & Daisy Narain (2003) Dynamics of Community Mobilisation in Govinda. R & Diwan Rashmi Community Participation and Empowerment in Primary Education, Sage Publications, New Delhi.

Govt. of India (2011) Sarva Shiksha Abhiyan: framework for Implementation( based on the RTE 2009), Ministry of Human Resource Development,Department of school education and Literacy

Khanna Kailash (2007) Evolution of Policies in India in Mukhopadhyay Marmar & Madhu Parhar (ed) Education in India, Shipra, New Delhi.

Mitsue Uemura(1999) Community Participation in Education: What do we know? The World Bank.

Meenai Zubair(2008) Participatory Community Work, Concept Publishing Company, New Delhi.

Pailwar, Veena K.& Mahajan Vandana (2005) Janshala in Jharkhand: An Experiment with Community Invovement in Education, International Education Journal, 2005, 6(3), 373-385.j

Pokhriyal H.C(2008) Communitisation of School Education : Reflections from the Field Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi

Priyanka Pandey, Sangeeta Goyal, Venkatesh Sundararaman (2008) Community Participation in Public Schools:The Impact of Information Campaigns in Three Indian State , Policy Research Working Paper 4776, The World Bank, South Asia Region, Human Development Department

Ramachandran Vimala (2003) Community Participation and Empowerment in Primary Education: Discussion of Experiences from Rajasthan in Govinda.

R & Diwan Rashmi Community Participation and Empowerment in Primary Education, Sage Publications New Delhi.

Tharakan P.K. Michael(undated) Community Participation in School Education: Experiments and Experiences under People's Planning campaign in Kerala http://decwatch.org/files/icdd/021.pdf

Vasavi A.R(2008) Concepts and Realities of Community in Elementary Education, Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.

## ୪.୧୦- ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷାରେ ଗୋଷ୍ଠୀର ବିଭିନ୍ନ ପ୍ରକାର ଅଂଶଗ୍ରହଣର ଆଲୋଚନା କର ।

୨. ଆର୍.ଟି.ଇ. ଅଧିନିୟମ ୨୦୦୯ର ପ୍ରମୁଖ ବୈଶିଷ୍ଟ୍ୟଗୁଡିକର ଆଲୋଚନା କର ।

୩. ଗ୍ରାମ୍ୟ ଶିକ୍ଷା କମିଟି (ଭି.ଇ.ସି)ର ପ୍ରମୁଖ କାର୍ଯ୍ୟାବଳୀ ଲେଖ ।

୪. ଏସ୍.ଏମ୍.ସି.ମାନଙ୍କ ଗାଠନିକ ଢ଼ାଞ୍ଚା ଆଲୋଚନା କର ।